# ଅଧ୍ୟାୟ II

## ଅନୁଦାନ/ ଖଣି ଲିଜ୍‌ର

## ମିଆଦ ବୃଦ୍ଧି

# 2 ଖଣି ଲିଜ୍ ର ଅନୁଦାନ/ ମିଆଦ ବୃଦ୍ଧି (ପ୍ରମୁଖ ଏବଂ ବିନିର୍ଦ୍ଦିଷ୍ଟ ଲଘୁ ଖଣିଜ ପଦାର୍ଥ)


*ଏହି ଅଧ୍ୟାୟ ଖଣି ଲିଜ୍ ଅନୁଦାନ ସମ୍ବନ୍ଧୀୟ ସମୀକ୍ଷା ସମ୍ପାଦନା ଅଟେ। ସମୀକ୍ଷା ପର୍ଯ୍ୟବେକ୍ଷଣ ଗୁଡିକରେ ଅନ୍ତର୍ଭୁକ୍ତ କ୍ୱାର୍ଟଜ୍, ରତ୍ନପଥର ଏବଂ ଅର୍ଦ୍ଧମୂଲ୍ୟବାନ ରତ୍ନ ପଥର ଆଦି ଖଣି ଲିଜ୍ ଅନୁଦାନରେ ଅନିୟମିତତା; ଲୁହା ଏବଂ ମାଙ୍ଗାନିଜ ପରି ପ୍ରମୁଖ ଖଣିଜ ପଦାର୍ଥ ଲିଜ୍ ର ଅନିୟମିତ ମିଆଦ ବୃଦ୍ଧି; ସାଜସଜ୍ଜାପଥର ପରି ନିର୍ଦ୍ଦିଷ୍ଟ ଲଘୁ ଖଣିଜ ପଦାର୍ଥ ଲିଜ୍ ରେ ଅନିୟମିତ ବିସ୍ତାର; ଖଣିଜ ବ୍ଲକମାନଙ୍କ ର ଇ-ନିଲାମ ପ୍ରକ୍ରିୟା ରେ ବିଳମ୍ବ।*

## 2.1 ଉପକ୍ରମ

ଖଣି ଏବଂ ଖଣିଜ ପଦାର୍ଥ (ବିକାଶ ଏବଂ ନିୟନ୍ତ୍ରଣ) ଅଧିନିୟମ, (ଏମ୍.ଏମ୍.ଡି.ଆର୍.) 1957, ଭାରତରେ ଖଣିଜ ପଦାର୍ଥ ଏବଂ ଖଣି କ୍ଷେତ୍ରକୁ ନିୟନ୍ତ୍ରଣ କରୁଥିବା ପ୍ରମୁଖ ଆଇନ। ନ୍ୟାୟପାଳିକାର ରାୟ ଏବଂ ଉଚ୍ଚସ୍ତରୀୟ କମିଟିର ସୁପାରିଶ ଯୋଗୁ ନିଲାମ ବ୍ୟବସ୍ଥା ମାଧ୍ୟମରେ ଖଣିଜ ବ୍ଲକ ପରି ପ୍ରାକୃତିକ ସମ୍ପଦ ଆବଣ୍ଟନରେ ବ୍ୟାପକ ପରିବର୍ତ୍ତନ ଘଟିଛି। 2015 ଜାନୁଆରୀ 12 ରେ ଲାଗୁ ହୋଇଥିବା ଏମ୍.ଏମ୍.ଡି.ଆର୍. ସଂଶୋଧନ ଆଇନ, 2015, ଖଣିଜ ସମ୍ପଦର ଅନୁଦାନ ପାଇଁ ପୂର୍ବରୁ ଥିବା 'ପ୍ରଥମେ ଆସି ପ୍ରଥମେ ପାଅ' ବ୍ୟବସ୍ଥା ବଦଳରେ ଏକ ପ୍ରତିଦ୍ୱନ୍ଦିତାମୂଳକ ନିଲାମ ପ୍ରକ୍ରିୟା ଆରମ୍ଭ କରିଛି। ଖଣି ବ୍ଲକ ଅନୁଦାନ ପାଇଁ ଇ-ନିଲାମ ପ୍ରକ୍ରିୟା କୁ ଖଣିଜ (ନିଲାମ) ନିୟମ, 2015 ରେ ନିର୍ଦ୍ଧାରିତ କରାଯାଇଛି। ଏହା ସହିତ ଏହି ନିଲାମ ବ୍ୟବସ୍ଥା ଦ୍ୱାରା ରାଜ୍ୟଗୁଡିକୁ ରୟାଲଟିର ଦଶ ପ୍ରତିଶତ ହାରରେ ଜିଲ୍ଲା ଖଣିଜ ପ୍ରତିଷ୍ଠା ପାଣ୍ଠି (ଡି.ଏମ୍.ଏଫ୍.) ଏବଂ ରୟାଲଟିର ଦୁଇ ପ୍ରତିଶତ ହାରରେ ଜାତୀୟ ଖଣିଜ ଅନୁସନ୍ଧାନ ଟ୍ରଷ୍ଟ (ଏନ୍.ଏମ୍.ଇ.ଟି.) ଠାରୁ ଅତିରିକ୍ତ ରାଶି (କିମ୍ବା ପ୍ରିମିୟମ) ଆକାରରେ ଖଣିଜ ସମ୍ପଦର ବର୍ଦ୍ଧିତ ଅଂଶ ପାଇବାର ଅନୁମତି ମିଳିବ।

2015 ପୂର୍ବ ଏବଂ ପରବର୍ତ୍ତୀ କାଳର ଖଣି ଲିଜ୍ ଆବଣ୍ଟନ/ମିଆଦ ବୃଦ୍ଧି ଯୋଜନା ସମ୍ବନ୍ଧୀୟ ଚିତ୍ର ନିମ୍ନ **ଚାର୍ଟ 2.1** ରେ ଦର୍ଶାଯାଇଛି:

**ଚର୍ଟ 2.1: ପ୍ରମୁଖ ଖଣିଜ ରିହାତି ଆବଣ୍ଟନ ପ୍ରକ୍ରିୟା ଦର୍ଶାଉଥିବା ଫ୍ଲୋ ଚର୍ଟ**




*(ଉତ୍ସ: ଏମ୍ଏମ୍ଡିଆର୍ ଅଧିନିୟମ, 1957 ଏବଂ ଏମ୍ଏମ୍ଡିଆର୍ ସଂଶୋଧନ ଅଧିନିୟମ, 2015)*

ଏମ୍ଏମ୍ଡିଆର୍ ସଂଶୋଧନ ଅଧିନିୟମ, 2015 ର ବ୍ୟବସ୍ଥା ଅନୁସାରେ, ଖଣି ଲିଜ୍ କେବଳ ନିଲାମ ପ୍ରକ୍ରିୟା ମାଧ୍ୟମରେ ପ୍ରଦାନ କରାଯାଇପାରିବ। ଲିଜ୍ଧାରୀଙ୍କୁ ରୟାଲଟି ଓ ଡେଡ୍ ରେଣ୍ଟ ପ୍ରଦାନ ଛଡା ଅତିରିକ୍ତ ରାଶି (ପ୍ରିମିୟମ) ଭାବେ ନିଲାମ ସମୟରେ ଦର୍ଶାଯାଇଥିବା ଉତ୍ପନ୍ନ ଖଣିଜ ଦ୍ରବ୍ୟର ଶତକଡା ଉତ୍ପାଦ ଏବଂ ବହିଃ ପ୍ରେରଣ ହୋଇଥିବା ଖଣିଜ ପଦାର୍ଥ ମୂଲ୍ୟ ପ୍ରଦାନ କରିବା ସହିତ ନିର୍ଦ୍ଦିଷ୍ଟ ହାରରେ ଜିଲ୍ଲା ଖଣିଜ ପାଣ୍ଠି (ଡିଏମ୍ଏଫ୍) ଏବଂ ଜାତୀୟ ଖଣିଜ ଅନୁସନ୍ଧାନ ଟ୍ରଷ୍ଟ (ଏନ୍ଏମ୍ଇଟି) ରେ ଅବଦାନ କରିବାକୁ ପଡେ। ତେବେ 2015 ସଂଶୋଧନ ପୂର୍ବରୁ ପ୍ରଦାନ ହୋଇସାରିଥିବା ଲିଜ୍ କ୍ଷେତ୍ରରେ ଲିଜ୍ଧାରୀମାନେ ରୟାଲଟି କିମ୍ବା ଡେଡ୍

ରେଣ୍ଟ, ପୃଷ୍ଠ ରେଣ୍ଟ ଏବଂ ଡିଏମ୍ଏଫ୍ ଓ ଏନ୍ଏମ୍ଇଟି ପାଣ୍ଠିରେ ଅବଦାନ କରିବାକୁ ପଡିଥାଏ। ମାର୍ଚ୍ଚ 2021 ପର୍ଯ୍ୟନ୍ତ କୌଣସି ଅତିରିକ୍ତ ରାଶି ପ୍ରଦାନ ପାଇଁ ବ୍ୟବସ୍ଥା ନଥିଲା, ମାତ୍ର 2021 ରେ ଏମ୍ଏମ୍ଡିଆର୍ ଆଇନରେ ସଂଶୋଧନ ହେବା ପରେ ରୟାଲଟିର ନିର୍ଦ୍ଧାରିତ ପ୍ରତିଶତର ଅତିରିକ୍ତ ରାଶି ମଧ୍ୟ ପ୍ରଦାନ କରିବାକୁ ପଡୁଛି। 2015 ପୂର୍ବ ଓ ପରବର୍ତ୍ତୀ ସମୟରେ ପ୍ରାପ୍ୟ ଖଣି ରାଜସ୍ୱ ର ହିସାବ **ସାରଣୀ 2.1** ରେ ଦର୍ଶାଯାଇଛି।

**ସାରଣୀ 2.1:** 2015 **ପୂର୍ବ ଓ ପରବର୍ତ୍ତୀ ସମୟରେ ନିଲାମ ହୋଇଥିବା ଖଣି ସମ୍ବନ୍ଧରେ ଆଦାୟଯୋଗ୍ୟ ଖଣି ରାଜସ୍ୱର ଗଣନା**

| ଶୁଳ୍କର ପ୍ରକାର | 2015 ରେ ଏମ୍ଏମ୍ଡିଆର୍ ଅଧିନିୟମର ସଂଶୋଧନ ପୂର୍ବରୁ | 2015 ରେ ଏମ୍ଏମ୍ଡିଆର୍ ଅଧିନିୟମର ସଂଶୋଧନ ପରେ |
|---|---|---|
| ରୟାଲଟି | ଏଏସ୍‌ପି ର 15 ପ୍ରତିଶତ | ଏଏସ୍‌ପି ର 15 ପ୍ରତିଶତ ASP |
| ପ୍ରିମିୟମ/ ଅତିରିକ୍ତ ରାଶି | -- | ଏଏସ୍‌ପି ର ବିଡ୍ ପ୍ରତିଶତ* |
| ଡିଏମ୍ଏଫ୍‌ଟି ଅନୁଦାନ | -- | ରୟାଲଟି ର 10 ପ୍ରତିଶତ |
| ଏନ୍ଏମ୍ଇଟି ଅନୁଦାନ | -- | ରୟାଲଟି ର 2 ପ୍ରତିଶତ |

* 2015 ରୁ 2022 ମଧ୍ୟରେ ଖଣି ଲିଜ୍ ପାଇଁ ନିଲାମରେ ଏଏସ୍‌ପିର ଶତକଡା ଆଠଟି ପରୀକ୍ଷଣ ଯାଞ୍ଚ ହୋଇଥିବା ଲୁହାପଥର ଖଣି ପାଇଁ ଦେୟଯୁକ୍ତ ଅତିରିକ୍ତ ପରିମାଣ ଭାବରେ 90 ରୁ 150 ପ୍ରତିଶତ ମଧ୍ୟରେ ସ୍ଥିର ହୋଇଅଛି।

ଉପରୋକ୍ତ ସାରଣୀରୁ, ଏହା ଦେଖାଯାଇପାରେ ଯେ ଏମ୍ଏମ୍ ଡିଆର୍ (ସଂଶୋଧନ) ଅଧିନିୟମ, 2015 କାର୍ଯ୍ୟକାରୀ ହେବା ପୂର୍ବରୁ, ଲିଜ୍‌ଧାରୀମାନେ କେବଳ ରୟାଲଟି ଦେବାକୁ ଦାୟୀ ଥିଲେ, ଯାହା ନିଲାମ ପୂର୍ବ ଏବଂ ପରବର୍ତ୍ତୀ ସମୟ ମଧ୍ୟରେ ବାସ୍ତବ ରାଜସ୍ୱର ବ୍ୟାପକତାକୁ ବର୍ଣ୍ଣନା କରିଥାଏ।

ଖଣି ଲିଜ୍ ର ଅନୁଦାନ ସମ୍ବନ୍ଧୀୟ ସମୀକ୍ଷା ପର୍ଯ୍ୟବେକ୍ଷଣଗୁଡିକ ନିମ୍ନଲିଖିତ ଅନୁଚ୍ଛେଦରେ ଆଲୋଚନା କରାଯାଇଛି।

## 2.2 ଲିଜ୍ ପ୍ରଦାନରେ ଅନିୟମିତତା

ଏମ୍ଏମ୍ଡିଆର୍ ସଂଶୋଧନ ଆଇନ, 2015 (ଅଧିନିୟମ)ର ଧାରା 10A (1) ଅନୁଯାୟୀ ଆଇନ ଆରମ୍ଭ ହେବା ପୂର୍ବରୁ, ପ୍ରସ୍ପେକ୍ଟିଂ ଲାଇସେନ୍ସ ଏବଂ ଖଣି ଲିଜ୍ ପ୍ରଦାନ ସମ୍ବନ୍ଧୀୟ ଗ୍ରହଣ କରାଯାଇଥିବା ସମସ୍ତ ଆବେଦନ ପତ୍ରକୁ କେତେକ ବ୍ୟତିକ୍ରମ ସହିତ ଅଯୋଗ୍ୟ ବିବେଚନା କରାଯିବ। ଧାରା 8A (2) ପ୍ରଦାନ କରେ ଯେ ଆଇନ କାର୍ଯ୍ୟକାରୀ ହେବା ଦିନ ଠାରୁ, ସମସ୍ତ ଖଣି ଲିଜ୍ ପଚାଶ ବର୍ଷ ପର୍ଯ୍ୟନ୍ତ ପ୍ରଦାନ କରାଯିବ।

ଆଇନର ଧାରା 10A(2)(c) ଅନୁଯାୟୀ ଆଇନର ପ୍ରାରମ୍ଭ ପୂର୍ବରୁ, ଯେଉଁ କ୍ଷେତ୍ରରେ;

(i) କେନ୍ଦ୍ର ସରକାର ହେଇଡ୍ରୋକାର୍ବନ/ଖଣିଜ ଶକ୍ତି ଏବଂ ଆଣବିକ ଖଣିଜ ସମ୍ବନ୍ଧୀୟ କୌଣସି ଖଣି ଲିଜ୍ ର ମଞ୍ଜୁର ପାଇଁ ଅନୁମୋଦନର ଯୋଗାଯୋଗ କରିଥାନ୍ତି; କିମ୍ବା

(ii) ଯଦି ରାଜ୍ୟ ସରକାରଙ୍କ ଦ୍ୱାରା ଖଣି ଲିଜ୍ ପ୍ରଦାନ କରିବା ପାଇଁ କୌଣସି ଅଭିପ୍ରାୟ ପତ୍ର (ଏଲ୍.ଓ.ଆଇ)[5] ଜାରି କରାଯାଇଥାଏ,

ତେବେ, ଏହି ଅଧିନିୟମ ଲାଗୁ ହେବା ଦିନଠାରୁ (12 ଜାନୁଆରୀ 2015) ଦୁଇ ବର୍ଷ ମଧ୍ୟରେ ପୂର୍ବ ଅନୁମୋଦନ/ଏଲ୍‌ଓଆଇ ରେ ଥିବା ନିର୍ଦ୍ଧାରିତ ସର୍ତ୍ତ ପୂରଣ ସହ ଖଣି ଲିଜ୍ ପ୍ରଦାନ କରାଯିବ। ନିର୍ଦ୍ଧାରିତ ନିୟମ ଏବଂ ସର୍ତ୍ତାବଳୀ ପାଳନ କରିବାରେ ଆବେଦନକାରୀଙ୍କ ବିଫଳତା କ୍ଷେତ୍ରରେ, ଅନୁମୋଦନ/ଏଲ୍‌ଓଆଇ ବାତିଲ ହୋଇପାରିବ।

[5] ଏଲ୍‌ଓଆଇ ହେଉଛି ଖଣି ଲିଜ୍ ଅନୁଦାନ ପାଇଁ ଆବେଦନ କରିଥିବା ଆବେଦନକାରୀଙ୍କୁ ରାଜ୍ୟ ସରକାର ଦେଇଥିବା ଏକ ଚିଠି। ଆବେଦନକାରଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ସର୍ତ୍ତାବଳୀ ଏବଂ ସର୍ତ୍ତ ପୂରଣ ଅନୁଯାୟୀ ଲିଜ୍ ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କ ଇଚ୍ଛା ଶକ୍ତିକୁ ଏହା ନିର୍ଦ୍ଦିଷ୍ଟ କରେ

ପୁନଶ୍ଚ, ଖଣିଜ ରିହାତି ନିୟମ (ଏମ୍ ସିଆର୍), 2016 ର ନିୟମ 31(1) ଅନୁଯାୟୀ, ଲିଜ୍ ମଞ୍ଜୁର ତାରିଖ ଠାରୁ ଛଅ ମାସ ମଧ୍ୟରେ କିମ୍ବା ରାଜ୍ୟ ସରକାର ଅନୁମତି ଦେଇଥିବା ଅବଧି ମଧ୍ୟରେ ପ୍ରତ୍ୟେକ ଲିଜ୍ ଦଲିଲ କାର୍ଯ୍ୟକାରୀ ହେବ ଏବଂ ଯଦି ଆବେଦନକାରୀଙ୍କ ତରଫରୁ କୌଣସି ବ୍ୟତିକ୍ରମ ହେତୁ ଉକ୍ତ ଅବଧି ମଧ୍ୟରେ ଲିଜ୍ ଦଲିଲ କାର୍ଯ୍ୟକାରୀ ନହୁଏ, ତେବେ ରାଜ୍ୟ ସରକାର ଲିଜ୍ ମଞ୍ଜୁର ଆଦେଶକୁ ପ୍ରତ୍ୟାହାର କରିପାରିବେ।

ରେକର୍ଡ ଯାଞ୍ଚରୁ ଜଣାପଡିଛି ଯେ, 2015-22 ମଧ୍ୟରେ ଯାଞ୍ଚ କରାଯାଇଥିବା ଖଣି ଲିଜ୍ ମଞ୍ଜୁରର ସମସ୍ତ 16 ଟି ମାମଲା ମଧ୍ୟରୁ ତିନୋଟି ଖଣି ଲିଜ୍ ଉପରୋକ୍ତ ଆଇନ ଏବଂ ନିୟମର ଉଲ୍ଲଙ୍ଘନ କରି ମଞ୍ଜୁର କରାଯାଇଥିଲା, ଯାହା ପରବର୍ତ୍ତୀ ଅନୁଚ୍ଛେଦରେ ଉଲ୍ଲେଖ କରାଯାଇଛି। ଏହା ମଧ୍ୟ ନିଲାମ ମାଧ୍ୟମରେ ଏହି ଖଣିଗୁଡିକର ସମାଧାନ ହୋଇନଥିଲା ଏବଂ ଏହି ସମୟ ମଧ୍ୟରେ ପ୍ରିମିୟମ/ଅତିରିକ୍ତ ରାଶି ଆକାରରେ ରାଜ୍ୟ ସରକାରଙ୍କୁ ଅତିରିକ୍ତ ରାଜସ୍ୱରୁ ବଞ୍ଚିତ କରିଥିଲା।

### 2.2.1 ବଲାଙ୍ଗୀର ଖଣି ସର୍କଲ ଅଧିନରେ କ୍ୱାର୍ଟଜ୍ ଏବଂ ରତ୍ନପଥର ଖଣି ପାଇଁ ଖଣି ଲିଜ୍

ଏମ୍ଏମ୍ଡିଆର୍ ଅଧିନିୟମ, 1957 ର ଧାରା 11 ର ଉପଧାରା 10 ପ୍ରଦାନ କରେ ଯେ ଏକ ଅନୁସନ୍ଧାନକାରୀ ଲାଇସେନ୍ସଧାରୀ, ଯିଏ ଉପଧାରା (9) ରେ ଉଲ୍ଲିଖିତ ହୋଇଥିବା ପରି ଅନୁସନ୍ଧାନ କାର୍ଯ୍ୟ ସମାପ୍ତ କରନ୍ତି ଏବଂ ସେହି ଅଞ୍ଚଳରେ ଖଣିଜ ପଦାର୍ଥର ଅସ୍ତିତ୍ୱ ପ୍ରତିଷ୍ଠା କରନ୍ତି, ଏହିପରି କ୍ଷେତ୍ର ପାଇଁ ଏକ ଖଣି ଲିଜ୍ ଆବେଦନ କରିବା ଆବଶ୍ୟକ ଏବଂ ଖଣି ଲିଜ୍ ପାଇବା ଅଧିକାର ଏବଂ ତା'ପରେ ଏହି କାର୍ଯ୍ୟର ବ୍ୟବସ୍ଥା ଅନୁଯାୟୀ ଖଣି କାର୍ଯ୍ୟ କରିବା।

ବାଙ୍କିଆ ଗ୍ରାମରେ, 21.092 ହେକ୍ଟରରେ କ୍ୱାର୍ଟଜ୍ ଏବଂ ରତ୍ନପଥର[6] ଖଣି ପାଇଁ 2003 ସେପ୍ଟେମ୍ବର ରେ ରାଜ୍ୟ ସରକାରଙ୍କ ଦ୍ୱାରା ଏଲ୍ଓଆଇ ଜାରି କରାଯାଇଥିଲା। ପରବର୍ତ୍ତୀ ସମୟରେ ଆବେଦନକାରୀଙ୍କ ଦ୍ୱାରା[7] ଭୂତାତ୍ତ୍ୱିକ ସମ୍ଭାବ୍ୟ (ଜିପିଆର) ପରି ଦସ୍ତାବିଜ ଦାଖଲ ନକରିବା କାରଣରୁ ରାଜ୍ୟ ସରକାର ଏଲ୍ ଓଆଇକୁ (ଡିସେମ୍ବର 2006) ରେ ବାତିଲ କରିଦେଇଥିଲେ। ଆବେଦନକାରୀ ବାତିଲ ଆଦେଶ ବିରୁଦ୍ଧରେ ଏକ ସଂଶୋଧନ ଆବେଦନ[8] (ଫେବୃଆରୀ 2007) ପୁନଃରୀକ୍ଷଣ କର୍ତ୍ତୃପକ୍ଷ[9] (ଆର୍ଏ) (ଯୁଗ୍ମ ସଚିବ, ଖଣି ମନ୍ତ୍ରଣାଳୟ, ଭାରତ ସରକାର) ଙ୍କ ନିକଟରେ ଦାଖଲ କରିଥିଲେ ଏବଂ ପୁନଃରୀକ୍ଷଣ କର୍ତ୍ତୃପକ୍ଷ ବାତିଲ ଆଦେଶକୁ (ଜାନୁଆରୀ 2011) ଖାରଜ କରି ରାଜ୍ୟ ସରକାରଙ୍କୁ ଛଅ ମାସ ମଧ୍ୟରେ ଏହି ପ୍ରସଙ୍ଗରେ ନୂତନ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାର ଏହି ବିଷୟକୁ ନୂତନ ଭାବରେ ଯାଞ୍ଚ କରି ଆବେଦନକାରୀଙ୍କୁ (ଜୁଲାଇ 2011) ପ୍ରାମାଣିକ ଜିପିଆର୍ ଦାଖଲ ନକରିବା, ଲିଜ୍ ଅଞ୍ଚଳ ମଧ୍ୟରେ ଗୋଚର[10] ଏବଂ ଜଳାଶୟ[11] କିସମର ଅନୁମତିହୀନ ଜମି ଅନ୍ତର୍ଭୁକ୍ତ କରିବା ଆଦି ବାତିଲ ର କାରଣମାନ ବିଷୟରେ ସୂଚନା ଦେଇଥିଲେ। ଆବେଦନକାରୀ (ଜୁଲାଇ 2011) ଗୋଚର ଜମି ର ବିନିମୟ ପାଇଁ ପ୍ରତିଶ୍ରୁତି ସହିତ ଏକ ଅଙ୍ଗୀକାର ପତ୍ର ଦାଖଲ କରିଥିଲେ, କିନ୍ତୁ ଆବଶ୍ୟକ ଜିପିଆର୍ ଦାଖଲ କରିନଥିଲେ। ଏହି ଅଙ୍ଗୀକାର ପତ୍ର ଉପରେ ରାଜ୍ୟ ସରକାର କୌଣସି ନିଷ୍ପତ୍ତି ନେଇନଥିଲେ। ପରବର୍ତ୍ତୀ ସମୟରେ, ଚାରି ବର୍ଷ ପରେ, 2003 ରେ ଜାରି ହୋଇଥିବା ଏବଂ 2006 ରେ ବାତିଲ ହୋଇଥିବା ଏଲ୍ଓଆଇ ଆଧାରରେ 50 ବର୍ଷର ଅବଧି ପାଇଁ ଖଣି ଲିଜ୍ (ଜାନୁଆରୀ 2017) ମଞ୍ଜୁର କରାଯାଇଥିଲା। ଲିଜ୍ ଦଲିଲ ଜାନୁଆରୀ 2017 ରେ (ଅନୁମୋଦନ ପ୍ରଦାନ ପାଇଁ ନିର୍ଦ୍ଧାରିତ ଦୁଇ ବର୍ଷ ଅବଧିର ଶେଷ ମାସ)

---

6 ପ୍ରମୁଖ ଖଣିଜ

7 ମେସର୍ସ ମାଣିକେଶ୍ୱରୀ ଖଣିଜ

8 ରାଜ୍ୟ ସରକାର କିମ୍ବା ଅନ୍ୟାନ୍ୟ କର୍ତ୍ତୃପକ୍ଷଙ୍କ ଦ୍ୱାରା କରାଯାଇଥିବା କୌଣସି ଆଦେଶ ଦ୍ୱାରା କୌଣସି ବ୍ୟକ୍ତି ତାଙ୍କୁ ଆଦେଶର ଯୋଗାଯୋଗର ତିନି ମାସ ମଧ୍ୟରେ ଏହି ଆଦେଶର ସଂଶୋଧନ ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଆବେଦନ କରିପାରିବେ

9 କେନ୍ଦ୍ର ସରକାରଙ୍କ ପ୍ରାଧିକରଣ, ଏମ୍ସିଆର୍, 1960 ର ନିୟମ 54 ଅନୁଯାୟୀ କୌଣସି ଆପତ୍ତିଜନକ ଦଳ (ଲିଜ୍ଧାରୀ/ଲାଇସେନ୍ସ ପ୍ରାପ୍ତ) ଦ୍ୱାରା ସଂଶୋଧନ ଆବେଦନ ଦାଖଲ ଉପରେ ରାଜ୍ୟ ସରକାର ଦେଇଥିବା କୌଣସି ଆଦେଶ ବିରୁଦ୍ଧରେ ନିର୍ଦ୍ଦେଶ ପଠାଇବାକୁ ଅନୁମତି ଦେଇଛନ୍ତି।

10 ଚରିବା ଭୂଇଁ

11 ଜଳାଶୟ

କାର୍ଯ୍ୟକାରୀ କରାଯାଇଥିଲା। ତଥାପି, ଦସ୍ତାବିଜର ଅଭାବ, ଯେଉଁ କାରଣରୁ ଏଲ୍‌ଓଆଇ ବାତିଲ କରାଯାଇଥିଲା, ତାହା ଅସମାହିତ ହୋଇ ରହିଥିଲା।

ଏହି କ୍ଷେତ୍ରରେ ନିର୍ଦ୍ଧାରିତ ସର୍ତ୍ତାବଳୀ ପୂରଣ ନକରିବା କାରଣରୁ ବାତିଲ ହୋଇଥିବା ଏଲ୍‌ଓଆଇ ବିରୁଦ୍ଧରେ ଖଣି ଲିଜ୍ ପ୍ରଦାନ ଆଇନ ଏବଂ ନିୟମ ବ୍ୟବସ୍ଥା ବିରୁଦ୍ଧରେ ଥିଲା।

ଏହାର ଉତ୍ତରରେ, ରାଜ୍ୟ ସରକାର (ସେପ୍ଟେମ୍ବର 2023) ବ୍ୟକ୍ତ କରିଥିଲେ ଯେ, ଆବେଦନକାରୀ ଖଣି ନିର୍ଦ୍ଦେଶକଙ୍କୁ ତ୍ରୁଟିପୂର୍ଣ୍ଣ ଦସ୍ତାବିଜ ଉପସ୍ଥାପନ କରିଥିଲେ, କିନ୍ତୁ ଆର୍‌ଏଙ୍କ 12 ଜାନୁଆରୀ 2011 ତାରିଖ ଆଦେଶର ଅନୁପାଳନରେ, ଏହି ମାମଲା 28 ନଭେମ୍ବର 2016 ରେ ସରକାରଙ୍କ ଦ୍ୱାରା ଗଠିତ ସ୍କ୍ରିନିଂ କମିଟି ସମ୍ମୁଖରେ ଯାଞ୍ଚ ପାଇଁ ରଖାଯାଇଥିଲା, ଯେଉଁଥିରେ ସଦସ୍ୟମାନେ ମତ ଦେଇଥିଲେ ଯେ, ଯେତେବେଳେ ଆଇବିଏମ୍ ଦ୍ୱାରା ଅନୁମୋଦିତ ଖଣି ଯୋଜନା ଭୂତାତ୍ତ୍ୱିକ ସୂଚନାକୁ ପ୍ରତିଫଳିତ କରିଛି, ଅଧିପ୍ରାମାଣିତ ଭୂତାତ୍ତ୍ୱିକ ସମ୍ଭାବ୍ୟ ରିପୋର୍ଟ ଉପରେ ଅତି ଆଗ୍ରହ ଦେଖାଇବାର କୌଣସି ଆବଶ୍ୟକତା ନାହିଁ ଏବଂ କମିଟି ସରକାରଙ୍କୁ ଅନୁଦାନ ଆଦେଶ ଜାରି କରିବାକୁ ସୁପାରିଶ କରିଥିଲା। ତଦନୁସାରେ, ଲିଜ୍‌ଧାରୀଙ୍କୁ ଲିଜ୍ ପ୍ରଦାନ କରାଯାଇଥିଲା।

ସରକାରୀ ଉତ୍ତରରେ ସ୍ୱୀକାର କରାଯାଇଛି ଯେ ଆବେଦନକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଦସ୍ତାବିଜ ଯାହା ଜିପିଆର୍ ରେ ଅନ୍ତର୍ଭୁକ୍ତ ତାହା ଅସମ୍ପୂର୍ଣ୍ଣ ଥିଲା। ସରକାର ଉତ୍ତର ଦେଇଛନ୍ତି ଯେ ଖଣି ଯୋଜନା ଅନୁମୋଦନ ହୋଇଥିବାରୁ ଜିପିଆର୍ ଆବଶ୍ୟକ ନୁହେଁ, ତାହା ଠିକ ନୁହେଁ, ଏମ୍‌ସିଆର୍, 1960 ର ନିୟମ 22(4) ଅନୁଯାୟୀ, ଲିଜ୍ ପ୍ରଦାନ ପରେ ଖଣି ଯୋଜନା ପ୍ରସ୍ତୁତ ହୋଇଛି ଏବଂ ଏମ୍‌ଏମ୍‌ଡିଆର୍ ଅଧିନିୟମ, 1957 ର ଧାରା 11(10) ଅନୁଯାୟୀ, ଅନୁସନ୍ଧାନ କାର୍ଯ୍ୟ ସମାପ୍ତ କରିବା ଖଣି ଲିଜ୍ ପାଇଁ ଏକ ପୂର୍ବ ସର୍ତ୍ତ ଥିଲା, ଯାହାର ଫଳାଫଳ ଜିପିଆର୍ ରେ ଅନ୍ତର୍ଭୁକ୍ତ। ତେଣୁ, ଲିଜ୍ ଅନୁଦାନ ପ୍ରଜୁଯ୍ୟ ବ୍ୟବସ୍ଥା ବିରୁଦ୍ଧରେ ନଥିଲା।

### 2.2.2 କୋରାପୁଟ ଖଣି ମଣ୍ଡଳ ଅଧିନ ଅର୍ଦ୍ଧ ମୂଲ୍ୟବାନ ପଥର (ବୈଦୁର୍ଯ୍ୟ) ଖଣି ପାଇଁ ଖଣି ଲିଜ୍

2001 ମସିହାରେ ପାଇକଡାକୁଲଗୁଡା ଓ କନ୍ଧଡାକୁଲଗୁଡା ଗ୍ରାମର 41.485 ହେକ୍ଟରରେ ଜମି ଥିବା ଅର୍ଦ୍ଧ ମୂଲ୍ୟବାନ ପଥର (ବୈଦୁର୍ଯ୍ୟ) ଖଣି ପାଇଁ ଆବେଦନକାରୀ[12]ଙ୍କୁ ଏଲ୍‌ଓଆଇ ସର୍ତ୍ତାବଳୀ ସହ ଲିଜ୍ ପ୍ରଦାନ କରାଯାଇଥିଲା। ଅନୁମୋଦିତ ଖଣି ଯୋଜନା ମିଳିବା ପରେ (ନଭେମ୍ବର 2007) ଲିଜ୍ ମଞ୍ଜୁର କରାଯାଇଥିଲା, ଯେଉଁଥିରେ ସର୍ତ୍ତ ଥିଲା ଯେ ଆବେଦନକାରୀ ଆଦେଶ ତାରିଖ ଠାରୁ ତିନି ମାସ ମଧ୍ୟରେ ରାୟଗଡା ଜିଲ୍ଲାପାଳଙ୍କୁ ଏକ ସର୍ବେକ୍ଷଣ ମାନଚିତ୍ର ଏବଂ ଜମିର ବିବରଣୀ ପ୍ରଦାନ କରିବେ। ତେବେ, ଓଡିଶା ଉଚ୍ଚନ୍ୟାୟାଳୟରେ ଲିଜ୍‌ଧାରୀଙ୍କ ସହ ତୃତୀୟ ପକ୍ଷଙ୍କ ସମ୍ପୃକ୍ତି ଥିବାରୁ ଲିଜ୍ କାର୍ଯ୍ୟକାରିତା ଆଦେଶ[13] ଜାରି ହୋଇପାରି ନଥିଲା। ଯଦିଓ 2011 ରେ ଲିଜ୍‌ଧାରୀଙ୍କ ସପକ୍ଷରେ ନ୍ୟାୟାଳୟ ମାମଲାର ସମାଧାନ କରାଯାଇଥିଲା, ତଥାପି ଲିଜ୍ କାର୍ଯ୍ୟକାରୀ ଆଦେଶ ଜାରି କରାଯାଇ ନଥିଲା କିମ୍ବା ଲିଜ୍ କାର୍ଯ୍ୟକାରୀ କରାଯାଇ ନଥିଲା। ଲିଜ୍ ଆଦେଶ ତାରିଖ ଠାରୁ ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ ପ୍ରଣୟନ ପର୍ଯ୍ୟନ୍ତ ଆଠ ବର୍ଷ ବିତିଯାଇଥିଲେ ସୁଦ୍ଧା ଏମ୍‌ସିଆର୍, 1960 ନିୟମ 31 ର ବ୍ୟବସ୍ଥାକୁ ଉଲ୍ଲଙ୍ଘନ କରି ଲିଜ୍ ଆଦେଶକୁ ବାତିଲ କରାଯାଇନଥିଲା। ଏମ୍‌ଏମ୍‌ଡିଆର ସଂଶୋଧନ ଆଇନ, 2015 ବିଜ୍ଞପ୍ତି ପରେ ଆବେଦନକାରୀ ଲିଜ୍ କାର୍ଯ୍ୟକାରୀ କରିବା ପାଇଁ (ଜୁଲାଇ 2015 ଏବଂ ସେପ୍ଟେମ୍ବର 2016) ଅନୁରୋଧ କରିଥିଲେ ଏହାପରେ ଲିଜ୍ କୁ 50 ବର୍ଷ ପାଇଁ ପୁନଃ ମଞ୍ଜୁର କରାଯାଇଥିଲା ଏବଂ ଜାନୁଆରୀ 2017 ରେ, 41.485 ହେକ୍ଟର ଅଞ୍ଚଳରେ କାର୍ଯ୍ୟକାରୀ କରାଯାଇଥିଲା।

ତେବେ ଏମ୍‌ସିଆର୍, 1960 ର ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ନିର୍ଦ୍ଧାରିତ 6 ମାସ ମଧ୍ୟରେ ଲିଜ୍ ଦଲିଲ କାର୍ଯ୍ୟକାରୀ ନହେବା କାରଣରୁ ଅନୁଦାନ ଆଦେଶ ପ୍ରତ୍ୟାହାର କରାଯିବା ଉଚିତ ଥିଲା।

---

12 ମେସର୍ସ ବଜରଙ୍ଗଲାଲ ଗୁପ୍ତା

13 ସରକାରଙ୍କ ଦ୍ୱାରା ଲିଜ୍ ଅନୁଦାନ ପରେ ପଟ୍ଟା ପଞ୍ଜିକରଣ ପାଇଁ ଜିଲ୍ଲାର କଲେକ୍ଟରଙ୍କ ଦ୍ୱାରା ଲିଜ୍ ନିଷ୍ପାଦନ ଆଦେଶ ଦିଆଯାଇଛି

ଉତ୍ତରରେ ସରକାର ବ୍ୟକ୍ତ କରିଥିଲେ (ସେପ୍ଟେମ୍ବର 2023) ଯେ, ରାୟଗଡା ଜିଲ୍ଲାପାଳ ଖଣି ଲିଜ୍ ଅଞ୍ଚଳର ସର୍ଭେ ଓ ସୀମା ନିର୍ଦ୍ଧାରଣ ସ୍ଥିତି ଦାଖଲ କରିନଥିବାରୁ 2011 ପରେ ଲିଜ୍ ଦଲିଲ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ତେଣୁ, ଅନୁଦାନଗ୍ରାହୀଙ୍କ ତରଫରୁ କୌଣସି ତ୍ରୁଟି ନଥିଲା ଏବଂ ସେହି ଅନୁସାରେ, ମାମଲାର ସତ୍ୟତା ଯାଞ୍ଚ କରିବା ପରେ, ସରକାର ଏମ୍‌ସି, 1960 ର ନିୟମ 31 ଅନୁଯାୟୀ ଖଣି ଲିଜ୍ କାର୍ଯ୍ୟକାରୀ କରିବା ପାଇଁ ଅଧିକ ସମୟ ଅନୁମତି ଦେଇଥିଲେ।

ଏହି ଉତ୍ତର ଗ୍ରହଣୀୟ ନୁହେଁ, କାରଣ ଏହା କେବଳ ଖଣି ଲିଜ୍ କ୍ଷେତ୍ରର ସର୍ଭେ ଏବଂ ସୀମା ନିର୍ଦ୍ଧାରଣ ସ୍ଥିତିକୁ ଠିକ୍ ସମୟରେ ଦାଖଲ କରିବାରେ ରାୟଗଡାର କଲେକ୍ଟରଙ୍କ ବିଫଳତା ନୁହେଁ, ବରଂ ଉପରୋକ୍ତ ରିପୋର୍ଟର ଠିକ୍ ସମୟରେ ଦାଖଲ ହେବାର ତଦାରଖ ନହେବା ବିଭାଗର ବିଫଳତା ମଧ ଦର୍ଶାଉଛି। ଲିଜ୍‌ଧାରୀ, ସର୍ବେକ୍ଷଣ ଓ ସୀମା ନିର୍ଦ୍ଧାରଣ ପାଇଁ ଟଙ୍କା ଜମା କରିଥିଲେ କି ନାହିଁ ଏବଂ 2001 ରେ ପ୍ରଦତ୍ତ ଲିଜ୍ ସର୍ତ୍ତାବଳୀ ଦାଖଲ କରିଥିଲେ କି ନାହିଁ ଏବଂ 2007 ରେ ଜାରି ହୋଇଥିବା ଅନୁଦାନ ଆଦେଶ ଆଦି ନଥିରେ ଉଲ୍ଲେଖ ନଥିଲା; ନଥିପତ୍ର ମଧ ସମୀକ୍ଷା ପାଇଁ ଦାଖଲ କରାଯାଇ ନଥିଲା। ଏହି ପରିପ୍ରେକ୍ଷୀରେ, ଲିଜ୍‌ଧାରୀଙ୍କ ଦ୍ୱାରା ବ୍ୟତିକ୍ରମ ନ ହୋଇଥିବାର ଆଶ୍ୱାସନା ଅଡିଟକୁ ଦିଆଯାଇନଥିଲା। ପୁନଃ, ଲିଜ୍ ମଞ୍ଜୁର ପାଇଁ ଛଅ ମାସରୁ ଅଧିକ ସମୟ ଅନୁମତି ଦେଉଥିବା ସରକାରୀ ଆଦେଶ ନଥିରେ ନଥିଲା। ତେଣୁ, ଏମ୍‌ସିଆର୍, 1960 ର ନିୟମ 31 ଅନୁଯାୟୀ ଅନୁଦାନ ଆଦେଶ ପ୍ରତ୍ୟାହାର ପାଇଁ ପ୍ରଯୁଜ୍ୟ ଥିଲା।

### 2.2.3 କଳାହାଣ୍ଡି ଖଣି ମଣ୍ଡଳ ଅଧିନରେ ଥିବା ରତ୍ନପଥର (ବୈଦୁର୍ଯ୍ୟ) ଖଣି ପାଇଁ ଖଣି ଲିଜ୍

ପିପଲପଦର ଓ ସିରଜାପାଲି ଗ୍ରାମରେ 17.122 ହେକ୍ଟରରୁ ଅଧିକ ଜମିରେ ରତ୍ନପଥର (ବୈଦୁର୍ଯ) ଖଣି ଲିଜ୍ ପ୍ରଦାନ ପାଇଁ 2005 ଜୁଲାଇ ରେ ସର୍ତ୍ତାବଳୀ ଜାରି କରାଯାଇଥିଲା ଏବଂ ନଭେମ୍ବର 2007 ରେ ରାଜ୍ୟ ସରକାର 20 ବର୍ଷ ପାଇଁ ଲିଜ୍ ମଞ୍ଜୁର କରିଥିଲେ। କଳାହାଣ୍ଡି ଖଣି ଅଧିକାରୀ (ଏପ୍ରିଲ 2008) ଜିଲ୍ଲାପାଳ, କଳାହାଣ୍ଡିଙ୍କ ଦ୍ୱାରା ଖଣି ଲିଜ୍ କାର୍ଯ୍ୟକାରୀ କରିବା ପାଇଁ ଆବେଦନକାରୀଙ୍କୁ 14,14,952 ଟଙ୍କାର ଷ୍ଟାମ୍ପ ଡ୍ୟୁଟି ସହ ଲିଜ୍ ଦଲିଲ ଦାଖଲ କରିବାକୁ କହିଥିଲେ। ଏମ୍‌ସିଆର୍, 1960 ର ବ୍ୟବସ୍ଥା ଅନୁସାରେ ବିଭାଗ ଅନୁଦାନ ଆଦେଶକୁ ପ୍ରତ୍ୟାହାର କରିନଥିଲା। ଆଠ ବର୍ଷ ପରେ, ଆବେଦନକାରୀ ଏକ ପ୍ରତିନିଧିତ୍ୱ (ସେପ୍ଟେମ୍ବର 2016) (2015 ରେ ଏମ୍.ଏମ୍.ଡି.ଆର୍. ଅଧିନିୟମର ସଂଶୋଧନ ପରେ) ଦାଖଲ କରିଥିଲେ ଯେ, ରୟାଲଟି, ଯାହା ଆଧାରରେ ଷ୍ଟାମ୍ପ ଡ୍ୟୁଟି ନିର୍ଦ୍ଧାରିତ ହେବାକୁ ଥିଲା, ତାହାର ଚୂଡାନ୍ତ ରୂପ ନହେବାରୁ ଲିଜ୍ ଦଲିଲ କାର୍ଯ୍ୟକାରୀ ହୋଇପାରି ନଥିଲା। 2017 ଜାନୁଆରୀରେ ରାଜ୍ୟ ସରକାର ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ 2015 ର ବ୍ୟବସ୍ଥାକୁ ଅନିୟମିତ ଭାବେ କାର୍ଯ୍ୟକାରୀ କରି ଆବେଦନକାରୀଙ୍କୁ 50 ବର୍ଷ ପାଇଁ ଖଣି ଲିଜ୍ ପ୍ରଦାନ କରିଥିଲେ, ଯାହା ପରେ ଲିଜ୍ ଦଲିଲକୁ କାର୍ଯ୍ୟକାରୀ କରାଯାଇଥିଲା।

ସମୀକ୍ଷାରୁ ଜଣାପଡିଛି ଯେ, ନିର୍ଦ୍ଧାରିତ 6 ମାସ ର ଅବଧି ସତ୍ତ୍ୱେ 10 ବର୍ଷ ମଧରେ ଲିଜ୍‌ଧାରୀ ଲିଜ୍ ଦଲିଲ କାର୍ଯ୍ୟକାରୀ ହୋଇନଥିବାରୁ, ଲିଜ୍ ପ୍ରଦାନ ନିୟମ ଅନୁଯାୟୀ ହୋଇନାହିଁ।

ଉତ୍ତରରେ, ସରକାର ବ୍ୟକ୍ତ କରିଥିଲେ (ସେପ୍ଟେମ୍ବର 2023) ଯେ, ଖଣିଜ ପଦାର୍ଥର ଉପଯୁକ୍ତ ଏବଂ ସଠିକ୍ ମୂଲ୍ୟ ନିର୍ଦ୍ଧାରଣ ରେ କର୍ତ୍ତୃପକ୍ଷଙ୍କ ଅକ୍ଷମତା କାରଣରୁ ଲିଜ୍ ଚୁକ୍ତିର କାର୍ଯ୍ୟକାରୀତାରେ ବିଳମ୍ବ ହୋଇଛି। ବିଭିନ୍ନ ସରକାରୀ କାର୍ଯ୍ୟାଳୟ ମଧରେ ବାରମ୍ବାର ପତ୍ର ବିନିମୟ ଏହି ସମସ୍ୟାର ସମାଧାନ କରିବାରେ ବିଫଳ ହୋଇଥିଲା। ତେଣୁ, ଏଠାରେ ଲିଜ୍‌ଧାରୀଙ୍କର କୌଣସି ଦୋଷ ନାହିଁ ଏବଂ ସେଥିପାଇଁ ଅନୁଦାନ ଆଦେଶ ପ୍ରତ୍ୟାହାର କରାଯାଇ ନାହିଁ।

ଏହି ଉତ୍ତର ଗ୍ରହଣୀୟ ନୁହେଁ କାରଣ ନିୟମ ଉଲ୍ଲଙ୍ଘନ କରି ଲିଜ୍ ପ୍ରଦାନ ପ୍ରସଙ୍ଗରେ ଏହା ନୀରବ ଥିଲା ଏବଂ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଖଣିଜ ମୂଲ୍ୟ କେବେ ଚୂଡାନ୍ତ ହୋଇଥିଲା ସେ ସମ୍ପର୍କରେ ବିଭାଗ ଅନୁପାଳନ ଦାଖଲ କରିନାହିଁ। ପୁନଃ, ଲିଜ୍ ମଞ୍ଜୁର ପାଇଁ ଛଅ ମାସରୁ ଅଧିକ ସମୟ ଅନୁମତି ଦେଉଥିବା ସରକାରୀ ଆଦେଶ ରେକର୍ଡରେ ନଥିଲା। ତେଣୁ, ଏମ୍.ସି.ଆର୍, 1960 ର ନିୟମ 31 ଅନୁଯାୟୀ ଅନୁଦାନ ଆଦେଶ ପ୍ରତ୍ୟାହାର ପ୍ରଯୁଜ୍ୟ ଥିଲା।

## 2.3 ପ୍ରମୁଖ ଖଣିଜ ପଦାର୍ଥ ଲିଜ୍‌ର ଅନିୟମିତ ମିଆଦବୃଦ୍ଧି

ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ, 2015 ର ଧାରା 8A (3) ଅନୁସାରେ ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ, 2015 ର ପ୍ରାରମ୍ଭ ପୂର୍ବରୁ ମଞ୍ଜୁର ହୋଇଥିବା ସମସ୍ତ ଖଣି ଲିଜ୍ 50 ବର୍ଷ ପାଇଁ ମଞ୍ଜୁର ହୋଇଥିବାର ବିବେଚନା କରାଯିବ। ଏମ୍‌ସିଆର୍, 1960 ର ନିୟମ 28 ଏବଂ 28(A) ଅନୁସାରେ, ଯଦି ଲିଜ୍ କାର୍ଯ୍ୟକାରୀ ହେବାର ଦୁଇ ବର୍ଷ ମଧ୍ୟରେ ଖଣିକାର୍ଯ୍ୟ ଆରମ୍ଭ ହୋଇନଥାଏ, କିମ୍ବା ଖଣିକାର୍ଯ୍ୟ ଆରମ୍ଭ ଠାରୁ ଦୁଇ ବର୍ଷ ପର୍ଯ୍ୟନ୍ତ ଅବିରତ ବନ୍ଦ ଥାଏ, ତେବେ ରାଜ୍ୟ ସରକାର ଆଦେଶ ଦ୍ୱାରା ଖଣି ଲିଜ୍ ସମାପ୍ତ ବୋଲି ଘୋଷଣା କରିବେ ଏବଂ ଏହା ଲିଜ୍‌ଧାରୀଙ୍କୁ ଜଣାଇଦେବେ। ଏପରି କ୍ଷେତ୍ରରେ, ଲିଜ୍‌ଧାରୀ ତାଙ୍କ ନିୟନ୍ତ୍ରଣ ବାହାରେ ଥିବା କାରଣଗୁଡ଼ିକର ଉଲ୍ଲେଖ କରି ଏକ ଆବେଦନ, ଉକ୍ତ ଅବଧି ସମାପ୍ତ ହେବାର ଅତି କମରେ ତିନି ମାସ ପୂର୍ବରୁ କିମ୍ବା ଏହାର ସମାପ୍ତି ତାରିଖ ଠାରୁ ଛଅ ମାସ ମଧ୍ୟରେ ରାଜ୍ୟ ସରକାରଙ୍କୁ ଦାଖଲ କରିପାରିବେ।

ଖଣି ନିର୍ଦ୍ଦେଶକଙ୍କ (ଡିଓଏମ୍) ରେକର୍ଡ ଯାଞ୍ଚରୁ ଜଣାପଡିଛି ଯେ, ଖଣି ଲିଜ୍ ସମ୍ପ୍ରସାରଣର 38 ଟି ପରୀକ୍ଷଣ ଯାଞ୍ଚ ମାମଲା ମଧ୍ୟରୁ ତିନୋଟି ଖଣୀ ଲିଜ୍ କୁ ଆଇନ ଏବଂ ନିୟମର ଉପରୋକ୍ତ ବ୍ୟବସ୍ଥାଗୁଡିକର ଉଲ୍ଲଙ୍ଘନ କରି ବୃଦ୍ଧି କରାଯାଇଥିଲା, ଯାହା ପରବର୍ତ୍ତୀ ଅନୁଚ୍ଛେଦରେ ଉଲ୍ଲେଖ କରାଯାଇଛି।

### 2.3.1 କୋରାପୁଟ ଖଣି ମଣ୍ଡଳ ଅଧିନରେ ଥିବା ମାଙ୍ଗାନିଜ ଖଣି ପାଇଁ ଖଣି ଲିଜ୍

ନିଶିଖାଲ ଗ୍ରାମରେ 501.67 ହେକ୍ଟରରୁ ଅଧିକ ମାଙ୍ଗାନିଜ ଖଣି ପାଇଁ ଖଣି ଲିଜ୍ 28 ଜୁନ୍ 1964 ରୁ 20 ବର୍ଷ ପାଇଁ ମଞ୍ଜୁର କରାଯାଇଥିଲା ଏବଂ ଖଣି ଲିଜ୍ ର ପ୍ରଥମ ନବୀକରଣ (ଆର୍‌ଏମ୍‌ଏଲ୍) 28 ଜୁନ୍ 1984 ରୁ 27 ଜୁନ୍ 2004 ପର୍ଯ୍ୟନ୍ତ ଆଉ 20 ବର୍ଷ ପାଇଁ ମଞ୍ଜୁର କରାଯାଇଥିଲା। 2003 ମସିହା ଜୁନ୍ 26 ତାରିଖରେ ଦାଖଲ ହୋଇଥିବା ଖଣି ଲିଜ୍ ର ଦ୍ୱିତୀୟ ନବୀକରଣ (ଆର୍.ଏମ୍.ଏଲ୍.) ଆବେଦନ 2013 ମସିହା ଜାନୁଆରୀ ମାସ ପର୍ଯ୍ୟନ୍ତ ଉପନିର୍ଦ୍ଦେଶକ, ଖଣି ବିଭାଗ, କୋରାପୁଟ ପାଖରେ ବିଚାରାଧିନ ରହିଥିଲା। ଆର୍.ଏମ୍.ଏଲ୍. ଆବେଦନ ଖଣି ନିର୍ଦ୍ଦେଶକଙ୍କୁ ପଠାଇବା ସମୟରେ (ଜାନୁଆରୀ 2013) ରାୟଗଡାର ଜିଲ୍ଲାପାଳ କହିଥିଲେ ଯେ ଅନୁମୋଦିତ ଖଣି ଯୋଜନା, ପରିବେଶ ମଞ୍ଜୁରୀ (ଇସି) ଏବଂ ପରିଚାଳନା ସମ୍ମତି (ସିଟିଓ) ଭଳି ବୈଧାନିକ ମଞ୍ଜୁରି ଅଭାବରୁ ଖଣିଟି ସ୍ଥଗିତ ରଖାଯାଇଛି। ଖଣି ନିର୍ଦ୍ଦେଶକ ଏହାକୁ (ଜୁନ୍ 2013) ଟିପ୍ପଣୀ ସହ ରାଜ୍ୟ ସରକାରଙ୍କୁ ପଠାଇଥିଲା, ଯେଉଁଥିରେ ଉଲ୍ଲେଖ କରାଯାଇଥିଲା ଯେ 1997 ମସିହା ଜାନୁଆରୀ ମାସରୁ ଖଣିଟି ଅଣ-କାର୍ଯ୍ୟକ୍ଷମ ଅଛି, ଏବଂ ଲିଜ୍‌ଧାରୀ ଖଣୀ ଲିଜ୍ କୁ ଚାଲୁ ରଖିବା ପାଇଁ ବିଳମ୍ବିତ କାର୍ଯ୍ୟ ଆରମ୍ଭର କାରଣ ଦର୍ଶାଇ କୌଣସି ଆବେଦନ ଦାଖଲ କରିନାହାନ୍ତି; ଯେଉଁଥିପାଇଁ ଖଣି ଲିଜ୍ ଏମ୍‌ସିଆର୍, 1960 ର ନିୟମ 28 ଅନୁସାରେ ଅଚଳ ଘୋଷିତ ହେବା ଉଚିତ। ତଥାପି, ସରକାର ଏହି ପ୍ରସଙ୍ଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ ଏବଂ ଲିଜ୍ ସମାପ୍ତ ହୋଇଥିବା ଘୋଷଣା କରିବା ପରିବର୍ତ୍ତେ (ସେପ୍ଟେମ୍ବର 2018) ଜୁନ୍ 1984 ରୁ 50 ବର୍ଷ ପାଇଁ (ଅର୍ଥାତ, 27 ଜୁନ୍ 2034 ପର୍ଯ୍ୟନ୍ତ) ଲିଜ୍ ଅବଧିର ବୈଧତା, ସରକାରୀ କମ୍ପାନୀ ଖଣି ଖନନ ନିୟମ, 2015 ର ନିୟମ 3 ଆଧାରରେ ବୃଦ୍ଧି କରିଥିଲେ। ଖଣି ନିର୍ଦ୍ଦେଶକ ଓଡିଶାଙ୍କ ସୁପାରିଶକୁ ଅଣଦେଖା କରିବାର କୌଣସି କାରଣ/ଯଥାର୍ଥତା ରେକର୍ଡରେ ମିଳିନଥିଲା।

ଏହାର ଉତ୍ତରରେ ସରକାର କହିଥିଲେ (ସେପ୍ଟେମ୍ବର 2023) ଯେ, ଓଏମ୍‌ସି ଲିମିଟେଡ୍ ର କୋରାପୁଟ ଖଣି ମଣ୍ଡଳ ଅନ୍ତର୍ଗତ ନିଶିଖାଲ ଗ୍ରାମରେ 501.67 ହେକ୍ଟରରେ ମାଙ୍ଗାନିଜ ଖଣି ଲିଜ୍ ଏକ ଅଣ-କାର୍ଯ୍ୟକ୍ଷମ ଖଣି ଯାହା କେନ୍ଦ୍ରୀୟ କ୍ଷମତାସମ୍ପନ୍ନ କମିଟି (ସିଇସି)ଙ୍କ ଦ୍ୱାରା ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିକଟରେ ଦାଖଲ ହୋଇଥିବା 102 ଅଣ-କାର୍ଯ୍ୟକ୍ଷମ ଖଣି ଲିଜ୍ ତାଲିକାରେ ସ୍ଥାନ ପାଇଛି। ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ରିଟ୍ ପିଟିସନ୍ (ସି) କ୍ରମିକ 114/2014 ତା 16.05.2014 ରିଖ ରେ ନିର୍ଦ୍ଦେଶ ଦେଇଛନ୍ତି ଯେ, ସିଇସି ରିପୋର୍ଟର ପରିଶିଷ୍ଟ-ଆର୍-2 ରେ ତାଲିକାଭୁକ୍ତ ଏହି 102 ଖଣି ଲିଜ୍ ରେ ଖଣି କାର୍ଯ୍ୟ ସ୍ଥଗିତ ରହିବ, କିନ୍ତୁ ଏହା ଲିଜ୍‌ଧାରୀ ସମସ୍ତ ମଞ୍ଜୁରୀ/ଅନୁମୋଦନ/ସମ୍ମତି ପାଇବା ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟକୁ ଯିବା ଖୋଲା ରହିବ ଏବଂ ସେମାନେ ନିଜ ମାମଲା ସମ୍ବନ୍ଧରେ ଅନ୍ତରୀଣ ଆଦେଶର ସଂଶୋଧନ ପାଇଁ ଏହି ଅଦାଲତକୁ ଯାଇପାରିବେ। ରିଟ୍ ପିଟିସନ୍ 114/2014 ରେ ପାରିତ ହୋଇଥିବା ମାନ୍ୟବର ସୁପ୍ରିମକୋର୍ଟଙ୍କ ତା 04.04.2016 ରିଖ ଆଦେଶ ଅନୁଯାୟୀ ଉକ୍ତ ଲିଜ୍ କାର୍ଯ୍ୟକ୍ଷମ ବୋଲି ବିବେଚନା କରାଯିବ। ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ 2017 ଅଗଷ୍ଟ

2 ତାରିଖର ଆଦେଶ ଅନୁସାରେ ଲିଜ୍‌ଧାରୀ ବେଆଇନ ଉତ୍ପାଦନ ପାଇଁ ସମ୍ପୂର୍ଣ୍ଣ କ୍ଷତିପୂରଣ ପ୍ରଦାନ କରିଛନ୍ତି । ପୂର୍ବ ଖଣିଜ ନିୟମ ଏମ୍‌ଏମ୍‌ଜିସି (ସରକାରୀ କମ୍ପାନୀ ଖନନ), 2015 ର ବ୍ୟବସ୍ଥା ଅନୁସାରେ ଲିଜ୍ ର ବୈଧତା ବୃଦ୍ଧି କରାଯାଇଛି ।

ବିଭାଗର ଉତ୍ତର ଗ୍ରହଣୀୟ ନୁହେଁ, କାରଣ 1997 ମସିହାରୁ ଦୁଇ ବର୍ଷ ପରେ ଖଣିଟି କାର୍ଯ୍ୟକ୍ଷମ ହୋଇନଥିଲା ଏବଂ ଖଣି କାର୍ଯ୍ୟ ନକରିବାର କାରଣକୁ ଯଥାର୍ଥତା ପ୍ରଦାନ କରୁଥିବା କୌଣସି ଆବେଦନ ଲିଜ୍‌ଧାରୀଙ୍କ ଦ୍ୱାରା ଦାଖଲ କରାଯାଇ ନଥିଲା, ଯେଉଁଥିପାଇଁ 2016 ରେ ସୁପ୍ରିମକୋର୍ଟଙ୍କ ରାୟ ପୂର୍ବରୁ ରାଜ୍ୟ ସରକାରଙ୍କ ଦ୍ୱାରା ଖଣିଟି ଅଚଳ ବୋଲି ଘୋଷଣା କରାଯାଇ ପାରିଥାନ୍ତା । ଏତଦ୍‌ବ୍ୟତୀତ ବିଭାଗ, ଲିଜ୍‌ଧାରୀ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଠାରୁ ସମସ୍ତ ବୈଧାନିକ ମଞ୍ଜୁରୀ ହାସଲ କରିଛନ୍ତି କି ନାହିଁ, ଅନୁପାଳନ ଦାଖଲ କରିନାହିଁ ଏବଂ ମାନ୍ୟବର ସୁପ୍ରିମକୋର୍ଟଙ୍କ 16 ମଇ 2014 ଆଦେଶ ଅନୁଯାୟୀ ମଧ୍ୟବର୍ତ୍ତୀକାଳୀନ ଆଦେଶର ସଂଶୋଧନ ପାଇଁ ମାନ୍ୟବର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ ନାହାଁନ୍ତି ।

### 2.3.2 କୋଇଡା ଖଣି ମଣ୍ଡଳ ଅଧିନସ୍ଥ ଲୌହ ଓ ମାଙ୍ଗାନିଜ ଓର୍ ପାଇଁ ଖଣି ଲିଜ୍

ସାନିନ୍ଦପୁର ଗ୍ରାମରେ 70.917 ହେକ୍ଟରରେ ଲୌହ ଏବଂ ମାଙ୍ଗାନିଜ ଖଣି ପାଇଁ ଖଣି ଲିଜ୍[14] 10 ସେପ୍ଟେମ୍ବର 1980 ରୁ 9 ସେପ୍ଟେମ୍ବର 2000 ପର୍ଯ୍ୟନ୍ତ 20 ବର୍ଷ ପାଇଁ ମଞ୍ଜୁର କରାଯାଇଥିଲା ଏବଂ ପ୍ରଥମ ଆର୍‌ଏମ୍‌ଏଲ୍ କୁ 9 ସେପ୍ଟେମ୍ବର 2020 ପର୍ଯ୍ୟନ୍ତ ଆଉ 20 ବର୍ଷ ପାଇଁ ମଞ୍ଜୁର କରାଯାଇଥିଲା । ପରିବେଶ ମଞ୍ଜୁରୀ (ଇସି) ଅଭାବରୁ ଖଣି ଉପନିର୍ଦ୍ଦେଶକ, କୋଇଡା ଦ୍ୱାରା ଖନନ କାର୍ଯ୍ୟ 26 ଅଗଷ୍ଟ 2010 ରୁ ବନ୍ଦ କରାଯାଇଥିଲା ଏବଂ ଲିଜ୍ ଧାରୀ ଖନନ କାର୍ଯ୍ୟ ପୁନଃ ଆରମ୍ଭ କରିପାରି ନଥିଲେ । ତେଣୁ, ରାଜ୍ୟ ସରକାର (ଜୁନ୍ 2015) ଲିଜ୍ କୁ "ସମାପ୍ତ" ବୋଲି ଘୋଷଣା କରିଥିଲେ । ତେବେ, ଲିଜ୍‌ଧାରୀ ରାଜ୍ୟ ସରକାରଙ୍କ ଆଦେଶ ବିରୋଧରେ ପୁନରୀକ୍ଷଣ କର୍ତ୍ତୃପକ୍ଷ (ଆର୍‌ଏ)ଙ୍କ ନିକଟରେ ଏକ ସଂଶୋଧନ ଆବେଦନ ଦାଖଲ କରିଥିଲେ, ଯେଉଁଥିରେ ଉଭୟ ଆଦେଶ (2017)କୁ ରଦ୍ଦ କରାଯାଇଥିଲା ଏବଂ ଆବେଦନକାରୀଙ୍କୁ ଶୁଣାଣିର ସୁଯୋଗ ଦେବା ପରେ ଆବଶ୍ୟକ ଆଦେଶ ଦେବା ପାଇଁ ରାଜ୍ୟ ସରକାରଙ୍କ ପାଇଁ ସୁଯୋଗ ରହିଥିଲା । ତଦନୁସାରେ, ରାଜ୍ୟ ସରକାର (ଅଗଷ୍ଟ 2017) ଏକ ବ୍ୟକ୍ତିଗତ ଶୁଣାଣି କରିଥିଲେ ଏବଂ ଲିଜ୍‌ଧାରୀଙ୍କ ତ୍ରୁଟି ଯୋଗୁ ଦୁଇ ବର୍ଷରୁ ଅଧିକ ଖଣି ଖନନ କାର୍ଯ୍ୟ ବନ୍ଦ ରହିଥିବା ଦର୍ଶାଇ ଅକ୍ଟୋବର 2017 ରେ ପୁନର୍ବାର ଲିଜ୍ କୁ "ସମାପ୍ତି" ବୋଲି ଘୋଷଣା କରିଥିଲେ ଓ ଲିଜ୍ ଅଞ୍ଚଳକୁ ନିଜ ଅକ୍ତିଆରକୁ ନେବାକୁ ନିର୍ଦ୍ଦେଶ ଦେଇଥିଲେ ।

ତେବେ ଏହି ଲିଜ୍ ସମାପ୍ତ ଆଦେଶ ବିରୋଧରେ ଏମ୍‌ସିଆର୍, 1960 ର ନିୟମ 20(7) ଅନୁଯାୟୀ ଲିଜ୍‌ଧାରୀ (ନଭେମ୍ବର 2017) ରାଜ୍ୟ ସରକାରଙ୍କ ନିକଟରେ ଏକ ପୁନଃପ୍ରବର୍ତ୍ତନ ଆବେଦନ ଦାଖଲ କରିଥିଲେ । ଏହି ପ୍ରସଙ୍ଗରେ ପୂର୍ବ ନିଷ୍ପତ୍ତିର ବିପରୀତ, ରାଜ୍ୟ ସରକାର ଲିଜ୍ ପୁନଃପ୍ରବର୍ତ୍ତନକୁ (ଜୁନ୍ 2018) ଅନୁମୋଦନ କରିଥିଲେ, କାରଣ ଦର୍ଶାଇଥିଲେ ଯେ, 2007 ଜୁନ୍ ରେ ଲିଜ୍‌ଧାରୀଙ୍କ ଦ୍ୱାରା ପରିବେଶ ମଞ୍ଜୁର ପାଇଁ ବିଧିବଦ୍ଧ ଭାବେ ଆବେଦନ କରାଯାଇଥିଲା, ଯାହା ଜୁନ୍ 2013 ରେ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଦ୍ୱାରା ଅନୁମତି ଦିଆଯାଇଥିଲା । ତେଣୁ, ବିଳମ୍ବ ପାଇଁ ଲିଜ୍‌ଧାରୀଙ୍କର କୌଣସି ଭୂମିକା ନଥିଲା ଏବଂ ଖଣି କାର୍ଯ୍ୟ ବନ୍ଦ ହେବାରେ ସେ ମଧ୍ୟ ଦାୟୀ ନଥିଲେ । ଲିଜ୍ ର ଅବଧି ମଧ୍ୟ (ଏପ୍ରିଲ 2021) 9 ସେପ୍ଟେମ୍ବର 2030 ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା ।

ତେବେ ରେକର୍ଡ ଯାଞ୍ଚରୁ ଜଣାପଡିଥିଲା ଯେ, ପୁନରୀକ୍ଷଣ କିମ୍ବା ପୁନଃପ୍ରବର୍ତ୍ତନ ଆବେଦନ କିମ୍ବା ଲିଜ୍‌ଧାରୀଙ୍କ ପିଟିସନରେ, 2007 ରେ ପରିବେଶ ମଞ୍ଜୁରୀ ଜନିତ ବିଷୟରେ କୌଣସି ଉଲ୍ଲେଖ ନଥିଲା । ଏହାବ୍ୟତୀତ, 2007 ରେ ପରିବେଶ ମଞ୍ଜୁର ପାଇଁ ଆବେଦନ କରିବା ସମ୍ପର୍କରେ ସରକାରଙ୍କ ମତାମତକୁ ସମର୍ଥନ କରୁଥିବା କୌଣସି ରେକର୍ଡ ଉପଲବ୍ଧ ହୋଇନଥିଲା । ସମୀକ୍ଷା ଅବଲୋକନ କଲା ଯେ, ବନ୍ୟ ଓ ପରିବେଶ ମନ୍ତ୍ରଣାଳୟର 2013 ର ପରିବେଶ ମଞ୍ଜୁରୀ ଅନୁମୋଦନ ପତ୍ରରେ ଲିଜ୍‌ଧାରୀଙ୍କ ଦ୍ୱାରା 2010 ରେ ଦାଖଲ ହୋଇଥିବା ପରିବେଶ ମଞ୍ଜୁରୀ ଆବେଦନ ବିଷୟରେ ଉଲ୍ଲେଖ ରହିଛି । ଏହିପରି, ତିନି ଥର (2015, 2016 ଏବଂ 2017) ଲିଜ୍‌ଧାରୀଙ୍କ

[14] ମେସର୍ସ ନ୍ୟାସନାଲ୍ ଏଣ୍ଟରପ୍ରାଇଜେସ୍

ଆବେଦନକୁ ପ୍ରତ୍ୟାଖ୍ୟାନ କରିବା ପରେ, ଲିଜ୍‌ଧାରୀ ପରିବେଶ ମଞ୍ଜୁରୀ ପାଇବାରେ ବିଳମ୍ବ ପାଇଁ ଉତ୍ତରଦାୟୀ ନୁହଁନ୍ତି ବୋଲି ଲିଜ୍ (2018) ର ପୁନଃପ୍ରବର୍ତ୍ତନ ପୂର୍ବ ଦୃଷ୍ଟିକୋଣର ବିପରୀତ ଥିଲା ଏବଂ ଏହା ଲିଜ୍‌ଧାରୀଙ୍କୁ ସୁହାଇଲା ଭଳି ଏକ ଚିନ୍ତାଧାରା ପରି ଜଣାପଡେ, ଯାହା ଉପଯୁକ୍ତ ସ୍ତରରେ ଅନୁସନ୍ଧାନ ଆବଶ୍ୟକ କରେ।

ଅଧିକନ୍ତୁ, ମାନ୍ୟବର ଓଡିଶା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁସାରେ ମାମଲାର ସମୀକ୍ଷା ପରେ, 2017 ରେ ରାଜ୍ୟ ସରକାରଙ୍କ ଲିଜ୍ ଶେଷ ହୋଇଯାଇଥିବା ଘୋଷଣା ଆଦେଶକୁ ଚୂଡାନ୍ତ ଆଦେଶ ଭାବରେ ବିବେଚନା କରାଯିବା ଉଚିତ ଥିଲା ଏବଂ ଯାହାଦ୍ୱାରା 2018 ରେ ପୁନର୍ବାର ଲିଜ୍ ପୁନଃପ୍ରବର୍ତ୍ତନର କୌଣସି ସୁଯୋଗ ନଥିଲା।

ଏହାର ଉତ୍ତରରେ, ସରକାର ବ୍ୟକ୍ତ କରିଥିଲେ (ସେପ୍ଟେମ୍ବର 2023) ଯେ, କୋଇଡା ଖଣି ମଣ୍ଡଳ ଅନ୍ତର୍ଗତ ସାନିନ୍ଦପୁର ଗ୍ରାମରେ 70.917 ହେକ୍ଟରରେ ଲୌହ ଏବଂ ମାଙ୍ଗାନିଜ ଖଣି ଲିଜ୍ ଅଣ-କାର୍ଯ୍ୟକ୍ଷମ ଖଣି ଥିଲା ଯାହା ସିଇସିଙ୍କ ଦ୍ୱାରା ମାନ୍ୟବର ସୁପ୍ରିମକୋର୍ଟଙ୍କ ନିକଟରେ ଦାଖଲ ହୋଇଥିବା 102 ଅଣ-କାର୍ଯ୍ୟକ୍ଷମ ଖଣି ଲିଜ୍ ତାଲିକାରେ ଉଲ୍ଲେଖ ଅଛି। ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ରିଟ୍ ପିଟିସନ (ସି) କ୍ର. 114/2014 ତାରିଖ 16.05.2014 ରେ ନିର୍ଦ୍ଦେଶ ଦେଇଛନ୍ତି ଯେ ଏହି 102 ଗୋଟି ଖଣି ଲିଜ୍ ରେ ଖଣି କାର୍ଯ୍ୟ ସ୍ଥଗିତ ରହିବ, କିନ୍ତୁ ସମସ୍ତ ମଞ୍ଜୁରୀ/ଅନୁମୋଦନ/ସମ୍ମତି ପାଇବା ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ସ୍ଥାନାନ୍ତର କରିବାରେ ଏହା ଲିଜ୍‌ଧାରୀଙ୍କ ପାଇଁ ଖୋଲା ରହିବ ଏବଂ ଏହା ପରେ ମଧ୍ୟ ସେମାନେ ନିଜ ମାମଲା ସମ୍ବନ୍ଧରେ ଏହି ଅନ୍ତରୀଣ ଆଦେଶର ସଂଶୋଧନ ପାଇଁ ଏହି ଅଦାଲତକୁ ଯାଇପାରିବେ। ରିଟ୍ ପିଟିସନ୍ (ସି) କ୍ର. 114/2014 ଉପରେ ପାରିତ ହୋଇଥିବା ମାନ୍ୟବର ସୁପ୍ରିମକୋର୍ଟଙ୍କ 04.04.2016 ର ନିର୍ଦ୍ଦେଶ ଅନୁଯାୟୀ ଉକ୍ତ ଲିଜ୍ ସତ୍ତାରେ ଥିଲା ବୋଲି ବିବେଚନା କରାଯାଇଥିଲା। ମାନ୍ୟବର ସୁପ୍ରିମକୋର୍ଟଙ୍କ ଆଦେଶ, ତାରିଖ 02.08.2017 ଅନୁସାରେ ବେଆଇନ ଉତ୍ପାଦନ ପାଇଁ ଲିଜ୍‌ଧାରୀ ସମ୍ପୂର୍ଣ୍ଣ କ୍ଷତିପୂରଣ ପ୍ରଦାନ କରିଛନ୍ତି। ଏମ୍ଏମ୍‌ଡିଆର୍ (ସଂଶୋଧନ) ଆଇନ ଅନୁସାରେ ଲିଜ୍ ର ବୈଧତା ବୃଦ୍ଧି କରାଯାଇଛି ଏବଂ ସମସ୍ତ ମଞ୍ଜୁରି ପାଇବା ପରେ ଖନନକାର୍ଯ୍ୟ ଅନୁମତି ଦିଆଯାଇଛି।

ଏହି ଉତ୍ତର ଗ୍ରହଣୀୟ ନୁହେଁ କାରଣ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ ତାରିଖ 04.04.2016 ମୁତାବକ ଲିଜ୍ ପୁନର୍ବାର ସମାପ୍ତ ଘୋଷଣା କରାଯାଇଥିଲା, ତେଣୁ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ ଅନୁସାରେ, ଲିଜ୍ ସହାୟତା ହେଉଥିବା ସରକାରଙ୍କ ଯୁକ୍ତିର ପ୍ରଶ୍ନ ଉଠୁନାହିଁ। ଲିଜ୍‌ଧାରୀଙ୍କ ଆବେଦନ 3 ଥର (2015, 2016, 2017) ଅଗ୍ରାହ୍ୟ କଲାପରେ ଲିଜ୍ (2018) ର ପୁନଃପ୍ରବର୍ତ୍ତନ, ପରିବେଶ ମଞ୍ଜୁରି ପାଇବାରେ ବିଳମ୍ବ ପାଇଁ ଲିଜ୍‌ଧାରୀ ଦାୟୀ ନୁହେଁ ଆଧାରରେ ପୂର୍ବ ଦୃଷ୍ଟିକୋଣର ସମ୍ପୂର୍ଣ୍ଣ ବିପରିତ ଥିଲା ଏବଂ ଲିଜ୍‌ଧାରୀଙ୍କୁ ଅନୁଗ୍ରହ ଦେଖାଇବା ପାଇଁ ଏକ ଚିନ୍ତାଧାରା ପରି ଅନୁମେୟ।

### 2.3.3 ଯୋଡା ଖଣି ମଣ୍ଡଳ ଅନ୍ତର୍ଗତ ଲୁହାପଥର ପାଇଁ ଖଣି ଲିଜ୍

1953 ଜୁନ୍ ରୁ 1973 ଜୁନ୍ 26 ପର୍ଯ୍ୟନ୍ତ 20 ବର୍ଷ ପାଇଁ ଗୁଆଳି ଗ୍ରାମରେ 365.026 ହେକ୍ଟରରେ ଲୁହାପଥର ଖନନ ଲିଜ୍[15] ମଞ୍ଜୁର କରାଯାଇଥିଲା ଏବଂ ପ୍ରଥମ ନବୀକରଣ 26 ଜୁନ୍ 1993 ପର୍ଯ୍ୟନ୍ତ ଆଉ 20 ବର୍ଷ ପାଇଁ ପ୍ରଦାନ କରାଯାଇଥିଲା। 10 ଫେବୃଆରୀ 1992 ରେ ଆବେଦନ କରାଯାଇଥିବା ଦ୍ୱିତୀୟ ନବୀକରଣ ଏବଂ 25 ଏପ୍ରିଲ 2012 ରେ ଆବେଦନ କରାଯାଇଥିବା ତୃତୀୟ ନବୀକରଣ ଅନୁମୋଦନର ବିଚାରାଧିନ ଥିଲା।

ଏହି ସମୟରେ, ନିମ୍ନଲିଖିତ ଘଟଣାଗୁଡିକ ଘଟିଥିଲା:

a. ସରକାର ଏମ୍‌ସିଆର୍, 1960 ନିୟମ, 37 ର ଉଲ୍ଲଂଘନ ପାଇଁ ଲିଜ୍‌ଧାରୀଙ୍କୁ ଏକ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ (ସେପ୍ଟେମ୍ବର 2011), ଯେଉଁଥିରେ ଦର୍ଶାଯାଇଥିଲା ଯେ, ସରକାରଙ୍କ ପୂର୍ବ ଅନୁମୋଦନ ବିନା ଖନନ କାର୍ଯ୍ୟକଳାପ ଲିଜ୍‌ଧାରୀ ନୁହେଁ ବରଂ ଅନ୍ୟ ସଂସ୍ଥା ଦ୍ୱାରା କରାଯାଇଥିଲା।

15 ମେସର୍ସ ଆର୍. ପି. ସାଓ ସପକ୍ଷରେ

b. ବନଖଣ୍ଡ ଅଧିକାରୀ (ଡିଏଫ୍ଓ) କେନ୍ଦୁଝରଙ୍କ ଦ୍ୱାରା ଦାଖଲ ହୋଇଥିବା ଏକ ରିପୋର୍ଟ ଆଧାରରେ ନଭେମ୍ବର 2011 ରେ ଆଉ ଏକ କାରଣ ଦର୍ଶାଅ ନୋଟିସ୍ ଜାରି କରି ଲିଜ୍ ବାତିଲ ର ସୁପାରିଶ କରାଯାଇଥିଲା, ଯେଉଁଥିରେ କୁହାଯାଇଥିଲା ଯେ ଲିଜ୍ ଅଞ୍ଚଳ ଭିତରେ 28.84 ହେକ୍ଟରରେ ଯାହା ଆଂଶିକ ଭାବରେ ବନ୍ୟ ଅଞ୍ଚଳରେ ଥିଲା, ଅନ୍ୟ ସଂସ୍ଥା ଦ୍ୱାରା ଏକ ସ୍ପଞ୍ଜ ଲୁହା କାରଖାନା ପ୍ରତିଷ୍ଠା କରାଯାଇଥିଲା।

c. ଭାରତୀୟ ଖଣି ସଂସ୍ଥା (ଆଇବିଏମ୍), ଭୁବନେଶ୍ୱର ଏହାର ଚିଠିରେ (ଅକ୍ଟୋବର 2012) ଦର୍ଶାଇଛନ୍ତି ଯେ, ଖଣି ଯୋଜନାରେ ନିର୍ଦ୍ଦିଷ୍ଟ ଅନୁମୋଦନ ବିନା ଖଣି ଲିଜ୍ ଅଞ୍ଚଳର ଖଣିଜ ଜମିରେ ଅନ୍ୟ ଏକ ସଂସ୍ଥା ନାମରେ ଏକ କାରଖାନା ନିର୍ମାଣ ସମେତ ଖଣିଜ ସଂରକ୍ଷଣ ଏବଂ ବିକାଶ (ଏମ୍‌ସିଡିଆର୍) ନିୟମର ଉଲ୍ଲଙ୍ଘନ ପାଇଁ ଲିଜ୍‌ଧାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା।

d. ଡିଡିଏମ୍, ଯୋଡା ମଧ୍ୟ ଲିଜ୍ ଅଞ୍ଚଳରେ ଅନ୍ୟ ଏକ ସଂସ୍ଥା ଦ୍ୱାରା ଏକ ସ୍ପଞ୍ଜ ଏବଂ ବିଦ୍ୟୁତ ପ୍ଲାଣ୍ଟ କାର୍ଯ୍ୟ କରୁଥିବାର ଆଲୋକପାତ (ଜୁଲାଇ 2013) କରିଥିଲେ।

e. ଖଣି ନିର୍ଦ୍ଦେଶକ ଏହା ମଧ୍ୟ ଦର୍ଶାଇଥିଲେ (ଏପ୍ରିଲ 2015) ଯେ, କ୍ଷମତାସମ୍ପନ୍ନ ପ୍ରାଧିକାରୀଙ୍କ ଅନୁମୋଦନ ବିନା ବ୍ୟବହାରକାରୀ ସଂସ୍ଥା ଅନ୍ୟ ଏକ ସଂସ୍ଥାକୁ ଏକ ସ୍ପଞ୍ଜ ଲୌହ କାରଖାନା ପ୍ରତିଷ୍ଠା କରିବାକୁ ଅନୁମତି ଦେଇଥିଲା।

ଉପରୋକ୍ତ ଏକାଧିକ ଆପତ୍ତି/ମନ୍ତବ୍ୟ ସତ୍ତ୍ୱେ ରାଜ୍ୟ ସରକାର (ଏପ୍ରିଲ 2015) ଲିଜ୍‌ଧାରୀଙ୍କ ଦ୍ୱାରା ହୋଇଥିବା ଅନିୟମିତତାକୁ ଯାଞ୍ଚ ନକରି ଏମ୍ଏମ୍‌ଡିଆର୍ ସଂଶୋଧନ ଆଇନ, 2016 ର ନିୟମ 8(A)(6) ଆଧାରରେ ଲିଜ୍ ଅବଧିକୁ ମାର୍ଚ୍ଚ 2020 ପର୍ଯ୍ୟନ୍ତ ବଢ଼ାଇଥିଲେ। କାରଣ ଦର୍ଶାଅ ନୋଟିସ୍, ଯାହାର ଉତ୍ତର ମିଳିନଥିଲା, ଜାରି କରିବା ବ୍ୟତୀତ ସରକାର ଲିଜ୍‌ଧାରୀଙ୍କ ବିରୋଧରେ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ ଏବଂ ଏହାର କାରଣ ଅଭିଲିଖିତ ନଥିଲା। ଲିଜ୍ ଅଞ୍ଚଳ (ବନ ଅଞ୍ଚଳର କିଛି ଅଂଶ ଅନ୍ତର୍ଭୁକ୍ତ) ଭିତରେ ଲିଜ୍‌ଧାରୀଙ୍କ ଦ୍ୱାରା ଅନଧିକୃତ କାର୍ଯ୍ୟକଳାପ ସତ୍ତ୍ୱେ ଲିଜ୍ ର ସମ୍ପ୍ରସାରଣ ଅନିୟମିତ ଥିଲା।

ଏହାର ଉତ୍ତରରେ ସରକାର ବ୍ୟକ୍ତ କରିଥିଲେ (ସେପ୍ଟେମ୍ବର 2023) ଯେ, କେନ୍ଦୁଝର ଜିଲ୍ଲାର ଗୁଆଳିରେ ଆର.ପି. ସାଓଙ୍କ 365.026 ହେକ୍ଟରରେ ଲୁହା ଖଣି ଲିଜ୍ ଏକ ଅଣ-କାର୍ଯ୍ୟକ୍ଷମ ଖଣି ଥିଲା, ଯାହା ସିଇସିଙ୍କ ଦ୍ୱାରା ମାନ୍ୟବର ସୁପ୍ରିମକୋର୍ଟଙ୍କ ନିକଟରେ ଦାଖଲ କରାଯାଇଥିବା 102 ଟି ଅଣ-କାର୍ଯ୍ୟକ୍ଷମ ଖଣି ଲିଜ୍ ତାଲିକାରେ ଉଲ୍ଲେଖିତ। ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ରିଟ୍ ପିଟିସନ୍ (ସି) କ୍ର. 114/2014 ତାରିଖ 16.05.2014 ରେ ଆଦେଶ ଦେଇ ନିର୍ଦ୍ଦେଶ ଦେଇଛନ୍ତି ଯେ ସିଇସିଙ୍କ ରିପୋର୍ଟର ଅନୁଲଗ୍ନକ ଆର-2 ରେ ତାଲିକାଭୁକ୍ତ ଏହି 102 ଖଣି ଲିଜ୍ ରେ ଖଣି କାର୍ଯ୍ୟ ସ୍ଥଗିତ ରହିବ, କିନ୍ତୁ ସମସ୍ତ ମଞ୍ଜୁରି/ଅନୁମୋଦନ/ସମ୍ମତି ପାଇବା ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ସ୍ଥାନାନ୍ତର କରିବାରେ ଏହା ଲିଜ୍‌ଧାରୀଙ୍କ ପାଇଁ ଖୋଲା ରହିବ ଏବଂ ଏହା ପରେ ମଧ୍ୟ ସେମାନେ ନିଜ ମାମଲା ସମ୍ବନ୍ଧରେ ଏହି ଅନ୍ତରୀଣ ଆଦେଶର ସଂଶୋଧନ ପାଇଁ ଏହି ଅଦାଲତକୁ ଯାଇପାରିବେ। ରିଟ୍ ପିଟିସନ୍ (ସି) କ୍ର. 114/2014 ଉପରେ ପାରିତ ହୋଇଥିବା ମାନ୍ୟବର ସୁପ୍ରିମକୋର୍ଟଙ୍କ 04.04.2016 ର ନିର୍ଦ୍ଦେଶ ଅନୁଯାୟୀ ଉକ୍ତ ଲିଜ୍ ସତ୍ତାରେ ଅଛି ବୋଲି ବିବେଚନା କରାଯାଏ। ମାନ୍ୟବର ସୁପ୍ରିମକୋର୍ଟଙ୍କ 02.08.2017 ତାରିଖର ଆଦେଶ ଅନୁଯାୟୀ ବେଆଇନ ଉତ୍ପାଦନ ପାଇଁ ଲିଜ୍‌ଧାରୀ ସମ୍ପୂର୍ଣ୍ଣ କ୍ଷତିପୂରଣ ପ୍ରଦାନ କରିଛନ୍ତି। ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଯୁକ୍ତ ଦୁଇ ଜଣ ବିଚାରପତିଙ୍କ କମିଟି ମତ ଦେଇଛନ୍ତି ଯେ ଲିଜ୍‌ଧାରୀ ଏମ୍.ସି. ନିୟମ, 1060 ର ନିୟମ 37 ବିରୁଦ୍ଧ କାର୍ଯ୍ୟ କରିନାହାଁନ୍ତି। ଏମ୍ଏମ୍‌ଡିଆର୍ (ସଂଶୋଧନ) ଆଇନର ବ୍ୟବସ୍ଥା ଅନୁସରଣରେ ଲିଜ୍ ର ବୈଧତା ବୃଦ୍ଧି କରାଯାଇଛି ଏବଂ ସମସ୍ତ ବୈଧାନିକ ମଞ୍ଜୁରି ପାଇବା ପରେ ମାନ୍ୟବର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଖନନ କାର୍ଯ୍ୟକୁ ଅନୁମତି ଦିଆଯାଇଛି।

ବିଭାଗର ଉତ୍ତର ଗ୍ରହଣୀୟ ନୁହେଁ, କାରଣ ଖଣି ଲିଜ୍ ଅଞ୍ଚଳ ମଧ୍ୟରେ ଖଣି ଯୋଜନାରେ ନିର୍ଦ୍ଦିଷ୍ଟ ଅନୁମୋଦନ ବିନା ଅନ୍ୟ ସଂସ୍ଥା ନାମରେ ଏକ ପ୍ଲାଣ୍ଟ ନିର୍ମାଣ ଯାହା ଉପଖଣ୍ଡ ବନ ଅଧିକାରୀ, କେନ୍ଦୁଝର ଏବଂ ଆଇବିଏମ୍,

ଭୁବନେଶ୍ୱରଙ୍କ ଦ୍ୱାରା ପ୍ରଦତ୍ତ ସୂଚନାର ମୁଖ୍ୟ ପ୍ରସଙ୍ଗ ଉପରେ ବିଭାଗ ନୀରବ ରହିଛି, ଯାହା ଖଣିଜ ସଂରକ୍ଷଣ ଏବଂ ବିକାଶ (ଏମ୍.ସି.ଡି.ଆର୍.) ନିୟମର ଉଲ୍ଲଙ୍ଘନ କରୁଛି।

## 2.4 ବିନିର୍ଦ୍ଦିଷ୍ଟ ଲଘୁ ଖଣିଜ ପଦାର୍ଥ ଲିଜ୍‌ର ଅନିୟମିତ ମିଆଦବୃଦ୍ଧି

ଓଡିଶା ଲଘୁ ଖଣିଜ ରିହାତି ନିୟମାବଳୀ (ଓ.ଏମ୍.ଏମ୍.ସି.), 2004 ର ନିୟମ 8(7) ଅନୁଯାୟୀ ଖଣି/ଖାଦାନ ଲିଜ୍ ର ଅବଧି ଶେଷ ହେବାର ଅତି କମରେ 90 ଦିନ ପୂର୍ବରୁ ଲିଜ୍ ନବୀକରଣ ପାଇଁ ଆବେଦନ କରିବାକୁ ପଡିଥାଏ। ଉପରୋକ୍ତ ନିୟମାବଳୀର ନିୟମ 25(5) ଅନୁଯାୟୀ, ଯଦି ଲିଜ୍‌ଧାରୀ କ୍ରମାଗତ ଦୁଇ ବର୍ଷ ପର୍ଯ୍ୟନ୍ତ ଲିଜ୍ ସ୍ଥାନରେ କାର୍ଯ୍ୟ ନକରନ୍ତି, ତେବେ ଯୁକ୍ତିଯୁକ୍ତ ଆଧାରରେ କ୍ଷମତାସମ୍ପନ୍ନ ପ୍ରାଧିକାରୀ କାର୍ଯ୍ୟବନ୍ଦ ର ଆଗୁଆ ଅନୁମତି ନଦେଲେ ଲିଜ୍ ବାତିଲ କରାଯିବ।

ଖଣି ନିର୍ଦ୍ଦେଶକଙ୍କ ନଥିର ଯାଞ୍ଚରୁ ଜଣାପଡିଛି ଯେ, 2016-22 ମଧ୍ୟରେ 12 ଗୋଟି ବିନିର୍ଦ୍ଦିଷ୍ଟ ଲଘୁଖଣିଜ ପଦାର୍ଥର ଖଣି ଲିଜ୍ ବୃଦ୍ଧି କରାଯାଇଥିଲା। ଏଥିମଧ୍ୟରୁ ଦୁଇଟି ଉପରୋକ୍ତ ଲିଜ୍ ଆଇନ ଏବଂ ନିୟମ ବ୍ୟବସ୍ଥାର ଉଲ୍ଲଙ୍ଘନ କରି ସମ୍ପ୍ରସାରଣ କରାଯାଇଥିଲା, ଯାହା ପରବର୍ତ୍ତୀ ଅନୁଚ୍ଛେଦରେ ଉଲ୍ଲେଖ କରାଯାଇଛି।

### 2.4.1 କୋରାପୁଟ ଖଣି ମଣ୍ଡଳ ଅଧିନସ୍ଥ ସଜାବଟି ପଥର ଖଣି ପାଇଁ ଖଣି ଲିଜ୍

23 ଅକ୍ଟୋବର 2002 ରୁ 22 ଅକ୍ଟୋବର 2012 ପର୍ଯ୍ୟନ୍ତ 10 ବର୍ଷ ପାଇଁ ଟେଡିଲିଗୁଡା ଗ୍ରାମ ଅଧିନସ୍ଥ 11.083 ହେକ୍ଟର ଅଞ୍ଚଳରେ ସଜାବଟି ପଥର ଖଣି ପାଇଁ ଲିଜ୍ ମଞ୍ଜୁର ହୋଇଥିଲା। ଖଣି ଲିଜ୍ ନବୀକରଣର (ଆର୍‌ଏମ୍‌ଏଲ୍) ଆବେଦନ 1 ଅଗଷ୍ଟ 2012 ରେ ଗ୍ରହଣ କରାଯାଇଥିଲା। ଉପ ଖଣି ନିର୍ଦ୍ଦେଶକ, କୋରାପୁଟଙ୍କ ରିପୋର୍ଟ (ଡିସେମ୍ବର 2015) ଅନୁଯାୟୀ, ଲିଜ୍‌ଧାରୀ ଲିଜ୍ ଅବଧି ସମୟରେ ଖଣି କାର୍ଯ୍ୟ ଆରମ୍ଭ କରିନଥିଲେ। ଖଣି ନିର୍ଦ୍ଦେଶକ (ଏପ୍ରିଲ 2016) ଏହି ମାମଲାକୁ ଖଣି ଓ ଇସ୍ପାତ (ଏସ୍‌ଆଣ୍ଡଏମ୍) ବିଭାଗକୁ ଟିପ୍ପଣୀ ସହ ପଠାଇଥିଲେ, ଯେଉଁଥିରେ କୁହାଯାଇଥିଲା: (i) ଲିଜ୍ ର ପୂରା ଅବଧି ମଧ୍ୟରେ କୌଣସି ଖଣିଜ ପଦାର୍ଥ ନିକାଶ ହୋଇନଥିଲା, (ii) ନିର୍ଦ୍ଧାରିତ ସମୟ ମଧ୍ୟରେ ଲିଜ୍ ନବୀକରଣର ଆବେଦନ ଦାଖଲ କରାଯାଇ ନଥିଲା ଏବଂ (iii) ବିଳମ୍ବକୁ କ୍ଷମା କରିବା ପାଇଁ କୌଣସି ପ୍ରତିନିଧିତ୍ୱ ଲିଜ୍‌ଧାରୀଙ୍କ ଦ୍ୱାରା ଦାଖଲ କରାଯାଇ ନଥିଲା।

ଯଦିଓ ସମ୍ପୂର୍ଣ୍ଣ କାର୍ଯ୍ୟକାଳ ମଧ୍ୟରେ ଲିଜ୍ କାର୍ଯ୍ୟକ୍ଷମ ହୋଇନଥିଲା ତଥାପି ରାଜ୍ୟ ସରକାର, ଲିଜ୍ ନବୀକରଣର ଆବେଦନ ଦାଖଲ କରିବାରେ ବିଳମ୍ବକୁ ଅଣଦେଖା କରି 23 ଅକ୍ଟୋବର 2012 ରୁ 22 ଅକ୍ଟୋବର 2032 ପର୍ଯ୍ୟନ୍ତ 20 ବର୍ଷ ପାଇଁ ଲିଜ୍ ଅବଧି ବୃଦ୍ଧିକୁ (ଏପ୍ରିଲ 2020) ରେ ଅନୁମୋଦନ କରିଥିଲେ।

ସମୀକ୍ଷା ଦ୍ୱାରା ଏହା ସୂଚିତ ହେବା ପରେ, ରାଜ୍ୟ ସରକାର (ସେପ୍ଟେମ୍ବର 2023) ବ୍ୟକ୍ତ କରିଥିଲେ ଯେ: (i) ଲିଜ୍ ଚୁକ୍ତିନାମା 1 ନଭେମ୍ବର 2002 ରେ ପଞ୍ଜିକୃତ ହୋଇଥିଲା ଏବଂ ସେହି ଅନୁଯାୟୀ ଲିଜ୍ ଅବଧି ପଞ୍ଜୀକରଣ ତାରିଖ ଠାରୁ 10 ବର୍ଷ ହେବ, (ii) ନବୀକରଣ ପାଇଁ 1 ଅଗଷ୍ଟ 2012 ର ଆବେଦନ, ଲିଜ୍ ସମାପ୍ତି ତାରିଖର ତିନି ମାସ ପୂର୍ବରୁ କରାଯାଇଥିବାରୁ ଧାର୍ଯ୍ୟ ସମୟ ମଧ୍ୟରେ ଦାଖଲ ହୋଇଥିଲା (iii) ବୈଧାନିକ ମଞ୍ଜୁରୀ ଅଭାବରୁ 2 ଜୁଲାଇ 2010 ରୁ ଖଣି କାମ ବନ୍ଦ କରାଯାଇଥିଲା ଏବଂ ଲିଜ୍ କାର୍ଯ୍ୟକ୍ଷମ ନହେବା ପାଇଁ ଲିଜ୍‌ଧାରୀ ଦାୟୀ ନଥିଲେ, କାରଣ ସେ ବୈଧାନିକ ମଞ୍ଜୁରୀ ପାଇବା ପାଇଁ ପର୍ଯ୍ୟାପ୍ତ ପଦକ୍ଷେପ ନେଇଥିଲେ। ଏହାବ୍ୟତୀତ, ସରକାର ବ୍ୟକ୍ତ କଲେ ଯେ, ପରବର୍ତ୍ତୀ ସମୟରେ ଓ.ଏମ୍.ଏମ୍.ସି. ନିୟମାବଳୀ, 2016 କୁ ଓ.ଏମ୍.ଏମ୍.ସି. (ସଂଶୋଧନ) ନିୟମାବଳୀ, 2018 ରେ ସଂଶୋଧନ କରି ଲିଜ୍ ଅବଧିର ବୈଧତା ବଢ଼ାଇବାର ବ୍ୟବସ୍ଥା ଯୋଡାଯାଇଥିଲା। ଏହି ଧାରା ଅନୁସାରେ, ଲିଜ୍ ଅବଧି ସମ୍ପ୍ରସାରଣ କେବଳ ସେତେବେଳେ ବିଚାରକୁ ନିଆଯାଇପାରିବ ଯେତେବେଳେ ଲିଜ୍‌ଧାରୀ ଜାରି କରାଯାଇଥିବା ସମସ୍ତ ନିୟମ ଏବଂ ସର୍ତ୍ତାବଳୀ ପାଳନ କରିଥିବେ ଏବଂ ଉକ୍ତ ଲିଜ୍ ଅଞ୍ଚଳରୁ ଉତ୍ତୋଳନ କରାଯାଇଥିବା ସଜାବଟି ପଥର ବ୍ୟବହାର ପାଇଁ ରାଜ୍ୟରେ ଏକ ଶିଳ୍ପ ପ୍ରତିଷ୍ଠା କରିଥିବେ। ଏହି କ୍ଷେତ୍ରରେ, ଲିଜ୍‌ଧାରୀ ଟିଟିଲାଗଡ ଶିଳ୍ପାଞ୍ଚଳରେ ଗ୍ରାନାଇଟ୍ କାଟିବା ଓ ମାଠିବା (କଟିଙ୍ଗ ଓ ପଲିସିଙ୍ଗ) ୟୁନିଟ ସ୍ଥାପନ କରି 15.10.2002 ରୁ ଉତ୍ପାଦନ ଆରମ୍ଭ କରିଥିଲେ। ଲିଜ୍ ଅବଧି ମଧ୍ୟରେ ଲିଜ୍‌ଧାରୀ ଶିଳ୍ପ ପ୍ରତିଷ୍ଠା

କରିଥିବାରୁ ଏବଂ କୌଣସି ସର୍ତ୍ତାବଳୀ ଉଲ୍ଲଙ୍ଘନ ହୋଇନଥିବା ଉକ୍ତ ନିୟମାବଳୀର ନିୟମ 8A ଅନୁସାରେ ଖଣି ଲିଜ୍ ଅବଧିକୁ 22.10.2032 ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା।

ଉତ୍ତର ଗ୍ରହଣୀୟ ନୁହେଁ, କାରଣ ଉପ ଖଣି ନିର୍ଦ୍ଦେଶକ, କୋରାପୁଟ ଓ ଖଣି ନିର୍ଦ୍ଦେଶକଙ୍କ ରିପୋର୍ଟ/ସୁପାରିଶରୁ ସ୍ୱଷ୍ଟ ହୋଇଛି ଯେ, ରାଜ୍ୟ ସରକାରଙ୍କ ଦାବି ଅନୁଯାୟୀ ଲିଜ୍‌ଧାରୀ କେବଳ 2 ଜୁଲାଇ 2010 ରୁ ନୁହେଁ ବରଂ ସମ୍ପୂର୍ଣ୍ଣ ଲିଜ୍ ଅବଧିରେ ଖଣିକୁ କାର୍ଯ୍ୟକ୍ଷମ କରିନଥିଲେ। ଏହାବ୍ୟତୀତ ଲିଜ୍‌ଧାରୀ ବୈଧାନିକ ମଞ୍ଜୁରୀ ପାଇବା ପାଇଁ ଯଥେଷ୍ଟ ପଦକ୍ଷେପ ନେଇଥିବା ଦାବିକୁ ସମର୍ଥନ କରି ସମୀକ୍ଷାକୁ କୌଣସି ରେକର୍ଡ ଉପସ୍ଥାପନ କରାଯାଇ ନଥିଲା। ଅଧିକନ୍ତୁ, ଓ.ଏମ୍.ଏମ୍.ସି. ନିୟମାବଳୀର ନିୟମ 25(5) ଅନୁସାରେ, ଯୁକ୍ତିସଙ୍ଗତ ଆଧାରରେ କ୍ଷମତାସମ୍ପନ୍ନ ପ୍ରାଧିକାରୀଙ୍କ ଦ୍ୱାରା ଦିଆଯାଇଥିବା ଖଣି କାର୍ଯ୍ୟ ବନ୍ଦ କରିବା ପାଇଁ କୌଣସି ପୂର୍ବ ଅନୁମତି ନଥିଲା। ଅବଶ୍ୟ ପ୍ରାରମ୍ଭିକ ଲିଜ୍ ର ଅବଧି 23 ଅକ୍ଟୋବର 2002 ରୁ 22 ଅକ୍ଟୋବର 2012 ପର୍ଯ୍ୟନ୍ତ ବଳବତ୍ତର ଥିଲା, ଖଣି ଲିଜ୍ ନବୀକରଣ ପାଇଁ 22 ଅକ୍ଟୋବର 2012 ର 90 ଦିନ ପୂର୍ବରୁ ଅର୍ଥାତ 24 ଜୁଲାଇ 2012 ପୂର୍ବରୁ ଦାଖଲ କରିବାର ଥିଲା। ତେଣୁ, ଲିଜ୍ ର ଅବଧି ପଞ୍ଜିକରଣ ଦସ୍ତାବିଜ ତାରିଖ ଠାରୁ ଥିଲା ବୋଲି ବିଭାଗର ଦାବି, ରେକର୍ଡରେ ଉପଲବ୍ଧ ତଥ୍ୟ ଦ୍ୱାରା ସମର୍ଥିତ ନୁହେଁ। ତେଣୁ, ଲିଜ୍ ର ସମ୍ପ୍ରସାରଣ ଅନିୟମିତ ଥିଲା।

### 2.4.2 ବଲାଙ୍ଗୀର ଖଣି ମଣ୍ଡଳ ଅଧିନସ୍ଥ ସଜାବଟି ପଥର ଖଣି ପାଇଁ ଖଣି ଲିଜ୍

କୁର୍ଲୁଭାଟା ଗ୍ରାମରେ 17.676 ହେକ୍ଟରରେ ସଜାବଟି ପଥର ଖଣି ପାଇଁ ଏକ ଖାଦାନ ଲିଜ୍[16] 20 ଜୁଲାଇ 2000 ରୁ 19 ଜୁଲାଇ 2010, 10 ବର୍ଷ ପାଇଁ ମଞ୍ଜୁର କରାଯାଇଥିଲା। ଓ.ଏମ୍.ଏମ୍.ସି. ନିୟମାବଳୀ 2004 ର ବିଜ୍ଞପ୍ତି ଯେଉଁଥିରେ ଉଲ୍ଲେଖ ଥିଲା ଯେ ପୂର୍ବରୁ ମଞ୍ଜୁର ହୋଇଥିବା ଖଣି ଲିଜ୍ ଗୁଡିକୁ ଖଣି ଲିଜ୍[17] ଭାବେ ବିବେଚନା କରାଯିବ, ସେହି ଅନୁସାରେ ଏହାକୁ 2005 ରେ ଏକ ଖଣି ଲିଜ୍ ଭାବେ ଘୋଷଣା କରାଯାଇଥିଲା। ଯେହେତୁ ଆର୍.ଏମ୍.ଏଲ୍. (ନବୀକରଣ) ଆବେଦନ ନିର୍ଦ୍ଧାରିତ ତାରିଖ ମଧ୍ୟରେ ଦାଖଲ କରାଯାଇଥିଲା, ତେଣୁ ଲିଜ୍‌ଧାରୀ, ଓ.ଏମ୍.ଏମ୍.ସି. 2004 ନିୟମାବଳୀ, ନିୟମ 57 ଅନ୍ତର୍ଗତ ବିବେଚିତ ସମ୍ପ୍ରସାରଣ ବ୍ୟବସ୍ଥା ଅନୁସାରେ ଖନନ କାର୍ଯ୍ୟ ଜାରି ରଖିଥିଲେ। ଏପ୍ରିଲ 2012 ରେ, ଖଣି ଅଧିକାରୀ (ଏମ୍.ଓ.) 2009 ର ପରିବେଶ ପ୍ରଭାବ ଆକଳନ (ଇ.ଆଇ.ଏ.) ବିଜ୍ଞପ୍ତି ଅନୁଯାୟୀ ଆବଶ୍ୟକ ବନ୍ୟ ଓ ପରିବେଶ ମନ୍ତ୍ରଣାଳୟ ରୁ ପରିବେଶ ନିକାସ ସମେତ ବୈଧାନିକ ନିକାସ ଦାଖଲ ନକରିବା ପର୍ଯ୍ୟନ୍ତ ଖଣି କାର୍ଯ୍ୟ ନକରିବାକୁ ନିର୍ଦ୍ଦେଶ ଦେଇଥିଲେ। 2012 ମସିହା ଏପ୍ରିଲ ମାସ ରୁ 2020 ମସିହା ମଇ ମାସ ପର୍ଯ୍ୟନ୍ତ ଦୁଇ ବର୍ଷରୁ ଅଧିକ ସମୟ ପାଇଁ ବୈଧାନିକ ମଞ୍ଜୁରି ଅଭାବରୁ ଏହି ଖଣି କାର୍ଯ୍ୟକ୍ଷମ ହୋଇନଥିଲା। ଆହୁରି ମଧ, ଓ.ଏମ୍.ଏମ୍.ସି. ନିୟମାବଳୀ ଅନୁଯାୟୀ କ୍ଷମତାସମ୍ପନ୍ନ ପ୍ରାଧିକାରୀ (ରାଜ୍ୟ ସରକାର) ଙ୍କ ଠାରୁ ବୈଧାନିକ ମଞ୍ଜୁରି ଦାଖଲ ନକରିବା କାରଣରୁ ଖଣି କାର୍ଯ୍ୟ ବନ୍ଦ କରିବା ପାଇଁ ଲିଜ୍‌ଧାରୀଙ୍କ ଦ୍ୱାରା କୌଣସି ପୂର୍ବ ଅନୁମତି ନିଆଯାଇନଥିଲା। ମଇ 2020 ରେ, ରାଜ୍ୟ ସରକାର 30 ବର୍ଷ ପାଇଁ, 19 ଜୁଲାଇ 2030 ପର୍ଯ୍ୟନ୍ତ ଲିଜ୍ ବୃଦ୍ଧି କରିଥିଲେ, ଯଦିଓ ଖଣିଟି ଦୁଇ ବର୍ଷରୁ ଅଧିକ ସମୟ ପାଇଁ ବିନା ଅନୁମତିରେ କାର୍ଯ୍ୟକ୍ଷମ ରହିଥିଲା।

ସମୀକ୍ଷା ଲକ୍ଷ୍ୟ କଲା ଯେ, 2009 ମସିହାରୁ ଲିଜ୍‌ଧାରୀଙ୍କୁ ପରିବେଶ ମଞ୍ଜୁର ଦାଖଲ କରିବାର ଆବଶ୍ୟକତା ଥିଲା, ମାତ୍ର ଲିଜ୍‌ଧାରୀ ପରିବେଶ ମଞ୍ଜୁର ପାଇଁ ଆବେଦନ କରିଥିବାର କୌଣସି ରେକର୍ଡ ଉପଲବ୍ଧ ନଥିଲା। ଏହା ମଧ ଲକ୍ଷ୍ୟ କରାଯାଇଥିଲା ଯେ, ଲିଜ୍‌ଧାରୀ କେବଳ ନଭେମ୍ବର 2015 ରେ ଇସି ପାଇବା ପାଇଁ ଜଣେ ପରାମର୍ଶଦାତା ନିଯୁକ୍ତ କରିଥିଲେ, ଯାହା ସୁନିଶ୍ଚିତ କରିଥିଲା ଯେ, ଦୁଇ ବର୍ଷରୁ ଅଧିକ ସମୟ ଧରି ଖଣି କାର୍ଯ୍ୟ ବନ୍ଦ ହେବା ଲିଜ୍‌ଧାରୀଙ୍କ ଇସି ଦାଖଲ କରିବାରେ ନିଷ୍କ୍ରିୟତା କାରଣରୁ ଥିଲା ଏବଂ ତେଣୁ ଲିଜ୍ ବାତିଲ ହୋଇଥିଲା। ଫଳସ୍ୱରୂପ, ରାଜ୍ୟ ସରକାରଙ୍କ ଦ୍ୱାରା ଲିଜ୍ ର ସମ୍ପ୍ରସାରଣ ଅନିୟମିତ ଥିଲା।

---

16 ଛୋଟ ଖଣିଜ ପଦାର୍ଥ ପାଇଁ ଦିଆଯାଇଥିବା ଲିଜ୍ କୁ ଖାଦାନ ଲିଜ୍ କୁହାଯାଏ ଯାହା ପୂର୍ବ ନିଲାମ ବ୍ୟବସ୍ଥାରେ 10 ବର୍ଷ ପର୍ଯ୍ୟନ୍ତ ବୃଦ୍ଧି ପାଇବ

17 ପ୍ରମୁଖ ଖଣି ପଦାର୍ଥ ଏବଂ ନିର୍ଦ୍ଦିଷ୍ଟ କ୍ଷୁଦ୍ର ଖଣିଜ ପଦାର୍ଥ ପାଇଁ ଦିଆଯାଇଥିବା ଲିଜ୍ କୁ ଖଣି ଲିଜ୍ ବୋଲି କୁହାଯାଏ ଯାହା ନିଲାମ ପୂର୍ବରୁ 30 ବର୍ଷ ପର୍ଯ୍ୟନ୍ତ ବୃଦ୍ଧି ପାଇବ

ଏହାର ଉତ୍ତରରେ ସରକାର ବ୍ୟକ୍ତ କରିଥିଲେ (ସେପ୍ଟେମ୍ବର 2023) ଯେ, ଏହି ଲିଜ୍ ର ବୈଧତା ଓ.ଏମ୍.ଏମ୍.ସି.(ସଂଶୋଧନ) 2018 ନିୟମାବଳୀ ର ନିୟମ 8A ର ସ୍ୱତନ୍ତ୍ର ବ୍ୟବସ୍ଥା ଅନୁସାରେ ବୃଦ୍ଧି କରାଯାଇଥିଲା, କାରଣ ଲିଜ୍‌ଧାରୀ ରାଜ୍ୟରେ ସଜାବଟି ପଥର ଆଧାରରେ ଏକ ଶିଳ୍ପ ପ୍ରତିଷ୍ଠା କରିଥିଲେ।

ଏହି ଉତ୍ତର ଗ୍ରହଣୀୟ ନଥିଲା, କାରଣ ଦୁଇ ବର୍ଷରୁ ଅଧିକ ସମୟ ଧରି ଖଣି ଅଣ-କାର୍ଯ୍ୟକ୍ଷମ ହେବା ବିଷୟରେ ଏହା ନୀରବ ରହିଥିଲା ଯାହାପାଇଁ 2014 ଏପ୍ରିଲରେ ଲିଜ୍ ରଦ୍ଦ ହେବା ଉଚିତ ଥିଲା ଓ ସେତେବେଳେ 2018 ମଇ ମାସର ସଂଶୋଧିତ ନିୟମ 8A ଲାଗୁ ହୋଇନଥିଲା।

## 2.5 ବାତିଲ ହୋଇଥିବା ଲିଜ୍ ଗୁଡିକର ନିଲାମ ପ୍ରକ୍ରିୟା ଆରମ୍ଭ ନକରିବା

ଏମ୍ଏମ୍‌ଡିଆର୍ ଅଧିନିୟମ ବ୍ୟବସ୍ଥା ଅନୁଯାୟୀ, କୌଣସି ଅଧିସୂଚିତ ଅଞ୍ଚଳରେ[18] ଥିବା କୌଣସି ଅଧିସୂଚିତ ଖଣିର[19] ଲିଜ୍ ପ୍ରଦାନକୁ ଇ-ନିଲାମ ସମେତ ପ୍ରତିଦ୍ୱନ୍ଦିତାମୂଳକ ନିଲାମ ମାଧ୍ୟମରେ ଏହି ଅଧିନିୟମ ଯୋଗ୍ୟତା ପୂରଣ କରୁଥିବା ଜଣେ ଆବେଦନକାରୀଙ୍କୁ ରାଜ୍ୟ ସରକାର ଚୟନ କରିବେ। ଆହୁରି, ଖଣିଜ (ନିଲାମ) ନିୟମାବଳୀ, 2015 ର ନିୟମ 5 ରେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ, ଯଦି ଖଣିଜ ପଦାର୍ଥ (ଖଣିଜ ପଦାର୍ଥ ପ୍ରମାଣ) ନିୟମାବଳୀ, 2015 ର ବ୍ୟବସ୍ଥା ଅନୁଯାୟୀ ଉକ୍ତ ଅଞ୍ଚଳରେ ଖଣିଜ ପଦାର୍ଥ ପ୍ରମାଣିତ ହୋଇଥିବ, ତେବେ ରାଜ୍ୟ ସରକାର ସେହି ଅଞ୍ଚଳରେ ଖଣି ଲିଜ୍ ପ୍ରଦାନ କରିବା ଲାଗି ଏକ ନିଲାମ ପ୍ରକ୍ରିୟା ଆରମ୍ଭ କରିବେ।

ଖଣି ନିର୍ଦ୍ଦେଶକଙ୍କ ଦ୍ୱାରା ଦାଖଲ ହୋଇଥିବା ରେକର୍ଡ ଏବଂ ସୂଚନାର ଯାଞ୍ଚରୁ ଜଣାପଡିଛି ଯେ, ଗତ 10 ବର୍ଷ ମଧ୍ୟରେ ଲୁହାପଥର, ଚୀନା ମାଟି, କ୍ୱାର୍ଟଜାଇଟ, ରତ୍ନ ପଥର କ୍ୱାର୍ଟଜ, ଗ୍ରାଫାଇଟ୍, ଫାୟାରକ୍ଲେ, ମାଙ୍ଗାନିଜ, ପାଇରୋଫିଲାଇଟ୍, ଖଡି ପଥର, ଚୂନ ପଥର ଏବଂ ଡୋଲୋମାଇଟ ପରି ଖଣିଜ ପଦାର୍ଥର 203 ଟି ଖଣି ଲିଜ୍ ବାତିଲ କରାଯାଇଥିଲା (ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତ୍ୟାଖ୍ୟାନ/ ସମାପ୍ତ ଘୋଷିତ / ନବୀକରଣ ନକରି ସମାପ୍ତ ହୋଇଥିଲା କିମ୍ବା ଲିଜ୍‌ଧାରୀଙ୍କ ଦ୍ୱାରା ସମର୍ପଣ କରାଯାଇଥିଲା)। ଏହି ବାତିଲ ହୋଇଥିବା ଲିଜ୍ ଗୁଡିକ ପୂର୍ବରୁ ଅନୁସନ୍ଧାନ/ପୂର୍ବେକ୍ଷଣ ରିପୋର୍ଟ ଆଧାରରେ ଏବଂ ଖଣିଜ ପଦାର୍ଥ ଉପସ୍ଥିତିର ପ୍ରମାଣ ନିଶ୍ଚିତ କରିବା ପରେ ମଞ୍ଜୁର କରାଯାଇଥିଲା। ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି, ଏହି ବାତିଲ ହୋଇଥିବା ଲିଜ୍ ପାଇଁ ବିଭାଗ ଖଣିଜ (ନିଲାମ) ନିୟମ, 2015 ଅନୁସାରେ ନିଲାମ ପ୍ରକ୍ରିୟା ଆରମ୍ଭ କରିବା ଉଚିତ ଥିଲା କିମ୍ବା ଖଣିଜ ପଦାର୍ଥ (ଖଣିଜ ପଦାର୍ଥର ପ୍ରମାଣ) ନିୟମ, 2015 ଅନୁସାରେ ଖଣିଜ ପଦାର୍ଥର ଉପଲବ୍ଧତା ନିର୍ଦ୍ଧାରଣ କରିବା ପାଇଁ ଅଧିକ ସମ୍ଭାବ୍ୟ/ ପୂର୍ବେକ୍ଷଣ ପାଇଁ ପଦକ୍ଷେପ ଗ୍ରହଣ କରିବା ଉଚିତ ଥିଲା। ତେବେ, ଏହି ବାତିଲ ହୋଇଥିବା ଲିଜ୍ ର ନିଲାମ କିମ୍ବା ପୂର୍ବେକ୍ଷଣ ପାଇଁ ଖଣି ନିର୍ଦ୍ଦେଶକଙ୍କ ଦ୍ୱାରା କୌଣସି ପଦକ୍ଷେପ ନିଆଯାଇ ନଥିଲା। ଏହି ଖଣିଗୁଡିକର ନିଲାମ ନକରିବା ଫଳରେ ସରକାରୀ କୋଷାଗାରକୁ ରାଜସ୍ୱର ବିଳମ୍ବ/ କ୍ଷତି ହୋଇଥିଲା।

ଏହାର ଉତ୍ତରରେ ସରକାର ବ୍ୟକ୍ତ କଲେ (ସେପ୍ଟେମ୍ବର 2023) ଯେ, ଉକ୍ତ ଲିଜ୍ ଗୁଡିକ ବହୁତ ପୁରୁଣା ଏବଂ ଏଥିରେ ଖଣିଜ ପଦାର୍ଥ ଥିବାର କୌଣସି ବୈଧାନିକ ଦସ୍ତାବିଜ ଉପଲବ୍ଧ ନାହିଁ। ଯେକୌଣସି ଅଞ୍ଚଳକୁ ନିଲାମ କରିବା ପାଇଁ ଖଣିଜ ପଦାର୍ଥର ଉପଲବ୍ଧତା ଏକ ପ୍ରାଥମିକ ଆବଶ୍ୟକତା ଅଟେ। ତେଣୁ, ଏହି ବ୍ଲକଗୁଡିକୁ ପର୍ଯ୍ୟାୟକ୍ରମେ ବିଭିନ୍ନ ଅନ୍ୱେଷଣକାରୀ ସଂସ୍ଥାକୁ ଆବଣ୍ଟନ କରିବା ଲାଗି ପଦକ୍ଷେପ ଗ୍ରହଣ କରାଯାଇଛି। ପୂର୍ବେକ୍ଷଣ କାର୍ଯ୍ୟର ଫଳାଫଳ ପ୍ରାପ୍ତି ପରେ, ଏହି ବ୍ଲକଗୁଡିକର ନିଲାମ ନିଷ୍ପତ୍ତି ନିଆଯାଇପାରେ। ବାସ୍ତବରେ ଏହି ଲିଜ୍ ଗୁଡିକ ରଦ୍ଦ ହେବା ପରେ ଅନେକ ବର୍ଷ ଧରି ବିଭାଗ ଅନ୍ୱେଷଣ/ ପୂର୍ବେକ୍ଷଣ କିମ୍ବା ନିଲାମୀ କାର୍ଯ୍ୟ ଆରମ୍ଭ କରିନଥିଲା, ଯାହା ସକ୍ରିୟ ଯୋଜନାର ଅଭାବକୁ ସୂଚିତ କରେ ଏବଂ ବିଭାଗ ମଧ୍ୟ ଏହି ବାତିଲ ହୋଇଥିବା ଖଣିଗୁଡିକରୁ ଅତିରିକ୍ତ ରାଜସ୍ୱ ଅର୍ଜନ କରିବାର ସୁଯୋଗ ହରାଇଥିଲା।

---

18 ଏମ୍ଏମ୍‌ଡିଆର୍ ସଂଶୋଧନ ଅଧିନିୟମ, 2015 ର ଧାରା 10(B) (4) ଅନୁଯାୟୀ ବ୍ୟାଖ୍ୟା କରାଯାଇଛି

19 ଖଣିଜ ପଦାର୍ଥଗୁଡିକ ଏମ୍ଏମ୍‌ଡିଆର୍ ସଂଶୋଧନ ଅଧିନିୟମ, 2015 (ବକ୍ସାଇଟ୍, ଲୁହା ପଥର, ଚୂନ ପଥର ଏବଂ ମାଙ୍ଗାନିଜ) ର ଚତୁର୍ଥ ସୂଚୀରେ ଶ୍ରେଣୀଭୁକ୍ତ ହୋଇଛି

## 2.6 ବିନିର୍ଦ୍ଦିଷ୍ଟ ଲଘୁ ଖଣିଜ ବ୍ଲକ ନିଲାମରେ ବିଳମ୍ବ

ନିୟମ 10 ସହିତ ପଢ଼ାଯାଇଥିବା ଓ.ଏମ୍.ଏମ୍.ସି. ନିୟମାବଳୀ, 2016 ର ନିୟମ 16 କୁହେ ଯେ, ଯେଉଁ ଅଞ୍ଚଳରେ ସାଧାରଣ ଅନୁସନ୍ଧାନ[20] କରାଯାଇଛି ସେଠାରେ ରାଜ୍ୟ ସରକାର ଇ-ନିଲାମ ସମେତ ପ୍ରତିଦ୍ୱନ୍ଦ୍ୱିତାମୂଳକ ନିଲାମୀର ଏକ ପଦ୍ଧତି ଦ୍ୱାରା ନିଲାମ ଜରିଆରେ ନିର୍ଦ୍ଧାରିତ ସର୍ତ୍ତ ପୂରଣ କରୁଥିବା ଜଣେ ଆବେଦନକାରୀଙ୍କୁ ପୂର୍ବେକ୍ଷଣ ତଥା ଖଣି ଲିଜ୍ ପ୍ରଦାନ କରିବେ।

ଖଣି ନିର୍ଦ୍ଦେଶକଙ୍କ ବିନିର୍ଦ୍ଦିଷ୍ଟ ଲଘୁ ଖଣିଜ ପଦାର୍ଥର ନିଲାମ ସମ୍ବନ୍ଧୀୟ ରେକର୍ଡ ଯାଞ୍ଚରୁ ନିମ୍ନଲିଖିତ ତଥ୍ୟ ପ୍ରକାଶ ପାଇଛି:

i. ***ନିୟମ ପ୍ରସ୍ତୁତିରେ ବିଳମ୍ବ*** – ଖଣିଜ (ନିଲାମ) ନିୟମ, 2015 ରେ ନିଲାମ ପ୍ରକ୍ରିୟା ବିସ୍ତୃତତା ସହ ବିହିତ ହୋଇଥିବା ସତ୍ତ୍ୱେ ବିଭାଗ ବିନିର୍ଦ୍ଦିଷ୍ଟ ଲଘୁ ଖଣିଜ ପଦାର୍ଥ ନିଲାମ ପାଇଁ ନିର୍ଦ୍ଦିଷ୍ଟ ନିୟମ ପ୍ରଣୟନ କରିବାକୁ ନିଷ୍ପତ୍ତି ନେଇଥିଲା। ନିଲାମ ପ୍ରକ୍ରିୟାକୁ ବିସ୍ତୃତ ଭାବେ ବର୍ଣ୍ଣନା ଏହି ଉତ୍ସର୍ଗୀକୃତ ନିୟମାବଳୀ, ଯଥା ଓଡିଶା ବିନିର୍ଦ୍ଦିଷ୍ଟ ଲଘୁ ଖଣିଜ (ନିଲାମ) ନିୟମ (ଓ.ଏସ୍.ଏମ୍.ଏମ୍.ଏ.ଆର୍.) କ୍ଷମତାସମ୍ପନ୍ନ ପ୍ରାଧିକାରୀଙ୍କ ଦ୍ୱାରା ଓ.ଏମ୍.ଏମ୍.ସି. ନିୟମାବଳୀ ବିଜ୍ଞପ୍ତିର ଅଢ଼େଇ ବର୍ଷ ପରେ, ଜୁନ୍ 2019 ରେ ଅନୁମୋଦିତ ହୋଇଥିଲା। ଯାହାଦ୍ୱାରା ବ୍ଲକମାନଙ୍କ ନିଲାମୀରେ ବିଳମ୍ବ ହୋଇଥିଲା ଏବଂ ଫଳସ୍ୱରୂପ ରାଜ୍ୟ ରାଜକୋଷକୁ ରାଜସ୍ୱ ଆଦାୟ ସ୍ଥଗିତ ରହିଥିଲା।

ii. ***ନିଲାମୀ ଆରମ୍ଭ ନକରିବା*** – ଓ.ଏସ୍.ଏମ୍.ଏମ୍.ଏ.ଆର୍., 2019 ର ବିଜ୍ଞପ୍ତି ପରେ ରାଜ୍ୟ ସରକାର (ଅଗଷ୍ଟ 2019) ଖଣି ନିର୍ଦ୍ଦେଶକଙ୍କୁ ଭୂତାତ୍ତ୍ୱିକ ରିପୋର୍ଟର ସ୍ଥିତି ସହିତ ନିଲାମୀ ପାଇଁ ପ୍ରସ୍ତୁତ ଥିବା ବିନିର୍ଦ୍ଦିଷ୍ଟ ଲଘୁ ଖଣିଜ ବ୍ଲକର ତାଲିକା ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନଭେମ୍ବର 2019 ଶେଷ ସୁଦ୍ଧା 14 ଟି ବିନିର୍ଦ୍ଦିଷ୍ଟ ଲଘୁ ଖଣିଜ ବ୍ଲକର ନିଲାମକୁ ଚୂଡାନ୍ତ କରିବାକୁ ସେପ୍ଟେମ୍ବର 2019 ରେ ଅନୁଷ୍ଠିତ ଉଚ୍ଚ ସ୍ତରୀୟ କମିଟି (ଏଚ.ଏଲ୍.ସି.) ରେ ଏହା ପୁନରାବୃତ୍ତି କରାଯାଇଥିଲା। ତଦନୁସାରେ, ଖଣି ନିର୍ଦ୍ଦେଶକ 14 ଟି ବିନିର୍ଦ୍ଦିଷ୍ଟ ଲଘୁ ଖଣିଜ ବ୍ଲକର ସୀମା ମାନଚିତ୍ରର ଭେଦାତ୍ମକ ଭୂ-ବ୍ୟାପୀ ସ୍ଥିତି ପ୍ରଣାଳୀକୁ (ଡିଫରେନସିଆଲ ଗ୍ଲୋବାଲ ପୋଜିସନିଂ ସିଷ୍ଟମ ବା ଡିଜିପିଏସ୍) ସର୍ଭେ କରିବା ପାଇଁ ଓଡିଶା ଦୂର ସମ୍ବେଦ ପ୍ରୟୋଗ କେନ୍ଦ୍ର (ଓ.ଆର.ଏସ୍.ଏସି.) ଭୁବନେଶ୍ୱରକୁ ପଠାଇଥିଲେ। ଡିସେମ୍ବର 2019 ରେ, ଖଣି ନିର୍ଦ୍ଦେଶକ 14 ଟି ବିନିର୍ଦ୍ଦିଷ୍ଟ ଲଘୁ ଖଣିଜ ବ୍ଲକ ମଧ୍ୟରୁ 12 ଟି ବ୍ଲକର, ଯେଉଁଥିରେ ଓଡିଶା ଦୂର ସମ୍ବେଦ ପ୍ରୟୋଗ କେନ୍ଦ୍ରର (ଓଆରଏସ୍ଏସି) ଦ୍ୱାରା ଡିଜିପିଏସ୍ ସର୍ଭେ ସମାପ୍ତ ହୋଇଥିଲା, ସାରାଂଶ ରିପୋର୍ଟ ଗ୍ରହଣ କରିଥିଲେ। ତେବେ ଏହା ଦେଖିବାକୁ ମିଳିଥିଲା ଯେ, 16 ମାସର ବିଳମ୍ବ ପରେ, ଖଣି ନିର୍ଦ୍ଦେଶକ 12 ଟି ବ୍ଲକର ବିବରଣୀ ରାଜ୍ୟ ସରକାରଙ୍କୁ କେବଳ 2021 ଏପ୍ରିଲରେ ଦାଖଲ କରିଥିଲେ। ଅଧିକନ୍ତୁ, ସବିଶେଷ ତଥ୍ୟ ଦାଖଲ କରିବା ପରେ ମଧ 12 ଟି ବ୍ଲକର ନିଲାମ ପାଇଁ ଅଧିସୂଚନା ଜାରି କରାଯାଇନଥିଲା (ସେପ୍ଟେମ୍ବର 2022 ସୁଦ୍ଧା) ।

ଏହିପରି, ଓ.ଏସ୍.ଏମ୍.ଏମ୍.ଏ.ଆର୍., 2019 ର ପ୍ରକାଶନର ତିନି ବର୍ଷ ପରେ ମଧ ନିଲାମୀ ପାଇଁ ପ୍ରସ୍ତୁତ ଥିବା 12 ଟି ବିନିର୍ଦ୍ଦିଷ୍ଟ ଲଘୁ ଖଣିଜ ବ୍ଲକର ନିଲାମ ପ୍ରକ୍ରିୟା ଆରମ୍ଭ ହୋଇପାରି ନଥିଲା, ଯାହାଫଳରେ ସରକାରୀ କୋଷାଗାରକୁ ରାଜସ୍ୱ ଆଦାୟ ସ୍ଥଗିତ ରହିଯାଇଥିଲା।

ଏହାର ଉତ୍ତରରେ, ସରକାର କହିଥିଲେ (ସେପ୍ଟେମ୍ବର 2023) ଯେ, ବିଭାଗ ଅଧିକ ମୂଲ୍ୟ ଥିବା ପ୍ରମୁଖ ଖଣିଜ ବ୍ଲକ ଗୁଡିକୁ ଦୃଷ୍ଟିରେ ରଖି ସେଗୁଡିକର ନିଲାମୀକୁ ପ୍ରାଥମିକତା ଦେଇଛନ୍ତି। ମାର୍ଚ୍ଚ 2022 ରେ ନିଲାମ ନିୟମର ସମୀକ୍ଷା କରାଯାଇଥିଲା ଏବଂ କେତେକ ସଂଶୋଧନ କରାଯାଇଥିଲା। ଏହି ନିୟମରେ ସଂଶୋଧନ ପରେ ସରକାର ବିନିର୍ଦ୍ଦିଷ୍ଟ ଲଘୁ ଖଣିଜ ବ୍ଲକଗୁଡିକର ନିଲାମ ପାଇଁ ପଦକ୍ଷେପ ନେଇଥିଲେ। 22 ଅଗଷ୍ଟ 2022

[20] ମିଳିତ ଜାତିସଙ୍ଘର ଫ୍ରେମୱାର୍କ ବର୍ଗୀକରଣ ନିର୍ଦ୍ଦେଶାବଳୀ ଅନୁଯାୟୀ G4 ସ୍ତର ପର୍ଯ୍ୟନ୍ତ

ରେ ରାଜ୍ୟ ସରକାର ପାଞ୍ଚଟି ବିନିର୍ଦ୍ଦିଷ୍ଟ ଲଘୁ ଖଣିଜ ବ୍ଲକର ନିଲାମ ପାଇଁ ଟେଣ୍ଡର (ଏନ୍ଆଇଟି) ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏଥିମଧ୍ୟରୁ ଦୁଇଟି ବ୍ଲକକୁ ସଫଳତାର ସହ ନିଲାମ କରାଯାଇଥିଲା ଏବଂ ଅନ୍ୟ ତିନୋଟି ବ୍ଲକରେ ପର୍ଯ୍ୟାପ୍ତ ଆବେଦନ ଅଭାବରୁ ନିଲାମକୁ ବାତିଲ କରାଯାଇଥିଲା। ସେହିଭଳି, 2023 ମସିହା ମଇ 18 ତାରିଖରେ 12 ଟି ବିନିର୍ଦ୍ଦିଷ୍ଟ ଲଘୁ ଖଣିଜ ବ୍ଲକ ନିଲାମ ପାଇଁ ଟେଣ୍ଡର (ଏନ୍ଆଇଟି) ପ୍ରକାଶିତ ହୋଇଥିଲା। ପୁଣି, କୌଣସି ନିଲାମ ଡକାଳି ଅଂଶଗ୍ରହଣ କରିନଥିବାରୁ ସମସ୍ତ 12 ଟି ବ୍ଲକର ନିଲାମକୁ ବାତିଲ କରାଯାଇଥିଲା। ତଥାପି, ବାସ୍ତବରେ ସରକାର ସେପ୍ଟେମ୍ବର 2023 ସୁଦ୍ଧା 12 ଟି ବିନିର୍ଦ୍ଦିଷ୍ଟ ଲଘୁ ଖଣିଜ ବ୍ଲକର ନିଲାମୀକୁ କାର୍ଯ୍ୟକାରୀ କରିବାରେ ବିଫଳ ହୋଇଥିଲେ।

**ସୁପାରିଶ:**

1. **ଲିଜ୍‌ଧାରୀଙ୍କ ଦ୍ୱାରା କରାଯାଇଥିବା ଅନିୟମିତତା ଉପରେ ଏକାଧିକ ବିଭାଗ ଦ୍ୱାରା ଆପତ୍ତି ଉଠାଯିବା ସତ୍ତ୍ୱେ ଲିଜ୍ ଅବଧି ବୃଦ୍ଧି ପାଇଁ ସୁପାରିଶ କରିଥିବା ସମ୍ପୃକ୍ତ ଅଧିକାରୀଙ୍କୁ ଉତ୍ତରଦାୟୀ କରିବା ଉଚିତ୍।**